## ବାଲି ଚୋରା ଚାଲାଣ

ମୋରଡ଼ା,(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ତହସିଲ ଅଧୀନ ଜମ୍ବୀରା ନଦୀର ଠେଙ୍ଗାଡାଙ୍ଗି ଘାଟରୁ ସୋମବାର ବାଲି ଚୋରା ଚାଲାଣ ବେଳେ ଏକ ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଭୋର ସମୟରେ ଉକ୍ତ ଘାଟରୁ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ମୋରଡ଼ା ପୋଲିସ ପହଞ୍ଚି ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲା। ଏଥିସହ ଡ୍ରାଇଭରଙ୍କୁ ମଧ ଗିରଫ କରିଛି। ସେ ହେଲେ ବଡ଼ବିଲା ଗ୍ରାମର ସମା ସିଂ। ଏନେଇ ମୋରଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି।



### ସଂକ୍ଷେପରେ

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୩୫୬ ଚିହ୍ନଟ

ଭୋଗରାଇ,୧୧।୧୨(ପ୍ରଦୀପ ଦାସ)-ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପରିସରରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୫୨୫ ଜଣ ରୋଗୀଙ୍କୁ ପଞ୍ଜିକୃତ କରାଯାଇଥିଲା। ସେମାନଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ୩୫୬ ଜଣଙ୍କୁ ଚିହ୍ନଟ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ୧୩୧ ରୋଗୀଙ୍କୁ ଉତ୍ତମ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ଶିବିରରେ ମାନସିକ ଅନଗ୍ରସର ବିଭାଗର ୯୦ଜଣ କାନ, ନାକ ଓ ଗଳା ବିଭାଗରେ ୧୩୯ଜଣ, ଦୃଷ୍ଟିବାଧିତ ବିଭାଗରେ ୫୭ଜଣ ଅସ୍ଥିଶଲ୍ୟ, ରକ୍ତହୀନତା, ସ୍ନାୟୁ ବିଭାଗରେ ୨୩୯ ଜଣଙ୍କୁ ପଞ୍ଜିକରଣ କରାଯାଇଥିବା ବେଳେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗୀଙ୍କୁ ପରୀକ୍ଷା କରି ପରାମର୍ଶ ଦିଆଯାଇଥିଲା। ଶିବିରକୁ ଭୋଗରାଇ ବିଡିଓ ଉମାକାନ୍ତ ପରିଡ଼ା, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ ସହ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଚୋରା କୋଇଲା ସହ ଭ୍ୟାନ୍ ଜବତ, ଚାଳକ ଗିରଫ

ଚାନ୍ଦବାଲି,୧୧।୧୨(କିଷାନ ପାତ୍ର)- ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ବିଦ୍ୟୁତ୍ ସବ୍‌ଷ୍ଟେଶନ ନିକଟରୁ ୩୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ପୋଲିସ ଜବତ କରିଛି। କୋଇଲା ବୋଝେଇ ଗାଡ଼ିଟି ଧାମରା ରେଳପଥ ଯିଶିପୁର ଅଞ୍ଚଳରୁ ବାହାରି ଚାନ୍ଦବାଲି ଆସୁଥିବା ସମୟରେ ଖବରପାଇ ଚାନ୍ଦବାଲି ଥାନାଧିକାରୀ ପଞ୍ଚାନନ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ଧରିଥିଲା। ଏନେଇ ଚାନ୍ଦବାଲି ଥାନାରେ ମାମଲା (ନଂ.୩୮୭/୨୩) ରୁଜୁ କରାଯାଇ ଚାଳକ ମୁକ୍ତିକାନ୍ତ ବାରିକଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

## 'ବ୍ୟକ୍ତିତ୍ୱର ପରିବର୍ତ୍ତନ ନ ହେଲେ ଆଦର୍ଶ ଆସିପାରିବ ନାହିଁ'

ବନ୍ତ,୧୧।୧୨(ହରିନାରାୟଣ ମହାନ୍ତି)- ବ୍ୟକ୍ତିତ୍ୱର ପରିବର୍ତ୍ତନ ନ ହେଲେ ଆଦର୍ଶ ଆସିପାରିବ ନାହିଁ। ଯେତେବେଳେ ଚରିତ୍ରର ପରିବର୍ତ୍ତନ ଆସିବ ସେତେବେଳେ ସେହି ବ୍ୟକ୍ତି ରାଜନେତା ହୋଇପାରିବେ। ଯେତେବେଳେ ମଣିଷ ମାନବିକତା ଭୁଲି ଯାଏ ସେତେବେଳେ ତା' ଭିତରେ ପଶୁତ୍ୱର ଜାଗରଣ ସୃଷ୍ଟି ହୁଏ ବୋଲି ଭଦ୍ରକ ଜିଲା ବନ୍ତ ନୂଆ ବସ୍‌ଷ୍ଟାଣ୍ଡ ପଡ଼ିଆରେ 'ଆଦର୍ଶ ରାଜନୀତି ସନ୍ଧାନରେ ବୁଦ୍ଧିଜୀବୀ ମନ୍ଥନ' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ସୂତାରଙ୍କ ଆବାହକତ୍ୱ ଓ ଲେଖକ ଡ. କୁଳମଣି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରବକ୍ତା ଭାବେ ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ପ୍ରଚାର ପ୍ରମୁଖ ମାନସ ରଞ୍ଜନ ମହାନ୍ତି, ରାଜନୀତି ବିଶେଷଜ୍ଞ ଇଂ. କାହ୍ନୁ ଚରଣ ବେହୁରା, ଆନନ୍ଦମାର୍ଗ ପ୍ରଚାରକ ସଂଘର କେନ୍ଦ୍ରୀୟ ସଚିବ ଆଚାର୍ଯ୍ୟ ପ୍ରିୟ କୃଷ୍ଣାନନ୍ଦ ଅବଧୂତ, ସାମାଜିକ କର୍ମୀ ଉତ୍କଳ କେଶରୀ ବିଶ୍ୱାଳ, ବାଲେଶ୍ୱର ଗାୟତ୍ରୀ ପରିବାରର ଜିଲା ସଂଯୋଜକ ବଳରାମ ଜେନା, ପ୍ରଫେସର ନାସୀର ବକ୍ସ, ସମ୍ମାନିତ ଅତିଥି ଭାବେ ପୋଲିସ ଅଧିକାରୀ ବିଶ୍ୱଜିତ ବେହେରା ଓ ବିଡିଓ ପ୍ରଦୀପ କୁମାର ସେଠୀ ଯୋଗ ଦେଇଥିଲେ। ଆକାଶ ରଥ ମଞ୍ଚ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା

ମୋରଡ଼ା,୧୧।୧୨(ସ୍ମାରକ ମାଜୀ)


ଉତ୍ତେଜିତ ଲୋକଙ୍କୁ ତହସିଲ ଓ ପୋଲିସ ପ୍ରଶାସନ ବୁଝାଉଛି।

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ମୋରଡ଼ା ତହସିଲ ଅଧୀନ ନୂଆଗାଁ ପଞ୍ଚାୟତର ସନ୍ୟାସୀ ଗ୍ରାମରେ ପ୍ରଶାସନ ପକ୍ଷରୁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ସ୍ଥାନୀୟ ଲୋକେ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଅଧାରୁ ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ସରକାରୀ ଗୃହ(ସେକ୍ସନ ଅଫିସ) ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇଥିଲା। ତେବେ ଉକ୍ତ ଜାଗାରେ ପାଞ୍ଚଟି ପରିବାର ବୁଦ୍ଧିରାମ ମୁର୍ମୁ, କାଳୀଚରଣ ମୁର୍ମୁ, ସୁନୀଲ ମୁର୍ମୁ, ନନ୍ଦ ମୁର୍ମୁଙ୍କ ସହିତ କୋଡ଼ିଏ ଜଣ ଭୂମିହୀନ ମାଟି ଘର କରି ରହୁଛନ୍ତି। ସୋମବାର ରାଜସ୍ୱ ବିଭାଗ, ମୋରଡ଼ା ପୋଲିସ ସହିତ ଏକ ପ୍ଲାଟୁନ ଫୋର୍ସ ପହଞ୍ଚି ସେଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ସମୟରେ ଉପରୋକ୍ତ ପରିବାରର ସଦସ୍ୟମାନେ ପ୍ରତିବାଦ କରିଥିଲେ। କୌଣସି ନୋଟିସ୍ ନଦେଇ ଘର ଭାଙ୍ଗିବା କେତେଦୂର ଠିକ୍ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଭୂମିହୀନ ହୋଇଥିବାରୁ ସେମାନଙ୍କୁ ସରକାରୀ ଜାଗା ଯୋଗାଇବା ପରେ ଉଚ୍ଛେଦ କରିବାକୁ ଦାବି କରିଥିଲେ। ଘଟଣାସ୍ଥଳରେ ମୋରଡ଼ା ତହସିଲଦାର ଉତ୍ତମ ଜେନା, ମୋରଡ଼ା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ସହିତ ଆଲୋଚନା କରି ଯଥାଶୀଘ୍ର ବୈଠକ କରି ଭୂମିହୀନମାନଙ୍କୁ ଜାଗା ଯୋଗାଇ ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ



କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

ବାସୁଦେବପୁର, ୧୧।୧୨ (ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବେତଡ଼ାସ୍ଥିତ ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ସୁପ୍ତ ପ୍ରତିଭାର ବିକାଶ ଏହି କାର୍ଯ୍ୟକ୍ରମର ମୌଳିକ ଲକ୍ଷ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଆରୁହା ପଞ୍ଚାୟତ ସମିତିସଭ୍ୟ ସୁରେନ୍ଦ୍ର ପ୍ରସାଦ ବେଜ, ଅନ୍ୟତମ ଅତିଥି ଭାବେ ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ ଓ ବରଣ୍ଡୁଆ ସରପଞ୍ଚ ଗୋବିନ୍ଦ ମଳିକ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଚିତ୍ତରଞ୍ଜନ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ବେଣୁଧର ପରିଡ଼ା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ନୋଡାଲ ଅଫିସର କାନ୍ତାରାଣୀ ଦାସ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପିକା ମଞ୍ଜୁଳପ୍ରଭା ପଣ୍ଡା ବେଦପାଠ ଓ ସ୍ୱର୍ଣ୍ଣପ୍ରଭା ମହାପାତ୍ର ମଞ୍ଚ ଆମନ୍ତ୍ରଣ କରିଥିଲେ। ଛାତ୍ରୀଛାତ୍ର ନୃତ୍ୟଗୀତ ପରିବେଷଣ କରିଥିଲେ।

# ଦିବ୍ୟାଙ୍ଗଙ୍କ ପାଖକୁ ଗଲେ ଅଧିକାରୀ


ଜିଲାପାଳ ଜଣେ ଦିବ୍ୟାଙ୍ଗଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି।

ପାଟଣା,୧୧।୧୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସଭାଗୃହରେ ସୋମବାର ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ ୫୫ ଲିଖିତ, ଗୋଟିଏ ମୌଖିକ ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ ପାଇଁ ଉପସ୍ଥିତ ଅଧିକାରୀଙ୍କୁ ଜିଲାପାଳ ଆଶିଷ ଠାକ୍ରେ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିରେ ୧୯ ଜଣ ଦିବ୍ୟାଙ୍ଗଙ୍କୁ ଜିଲା ଖଣିଜ ପାଣ୍ଠି ବିନିଯୋଗରେ ସ୍ୱୟଂ ଚାଳିତ ଟ୍ରାୟ ସାଇକେଲ ଓ ୨ ଜଣ ଦୃଷ୍ଟି ବାଧିତଙ୍କୁ ବ୍ଲାଇଣ୍ଡ ଷ୍ଟିକ୍ ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷେ କେନ୍ଦେଇପଶି ବାଲି ସାହିର ସାଇଟିକିଆରେ ପୀଡ଼ିତ ସରୋଜ ଚନ୍ଦ୍ର ନାଏକ ଚାଲିବାକୁ ଅକ୍ଷମ ଥିବାରୁ ତାଙ୍କୁ ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ କର୍ମଚାରୀଙ୍କ ସହାୟତାରେ ଜିଲାପାଳଙ୍କ ନିକଟରେ ପହଞ୍ଚାଇଥିଲେ। ଦୃଶ୍ୟ ଦେଖି ଜିଲାପାଳ, ଏସ୍‌ପି, ଡିଏଫଓ, ସିଡିଏମଓ ଆସନରୁ ଉଠି ସରୋଜଙ୍କ ପାଖକୁ ଯାଇ ସ୍କୁଟି ଓ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଜିଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଲକର ଦାଗଡୁ, ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ, ସିଡିଏମଓ କିଶୋର ଚନ୍ଦ୍ର ପୃଷ୍ଟି, ପିଡିଡ୍ରୁଡ଼ା ଘାଶିରାମ ମୁର୍ମୁ, ବ୍ଲକ୍ ଅଧ୍ୟକ୍ଷା ଶୁକାନ୍ତି ନାଏକ, ସିଏସଓ ଅଜୟ କୁମାର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଲବ କେଶରୀ ସାମନ୍ତରାୟ, ସମାଜ ମଙ୍ଗଳ ଅଧିକାରୀ ଗୌରୀମଣି ହାଁସଦା, ପାଟଣା ବିଡିଓ ଶିବଶଙ୍କର ମୁର୍ମୁ, ତହସିଲଦାର ଲୀଳାବତୀ ନାୟକ, ଅତିରିକ୍ତ ତହସିଦାର ଶରଣ ଜେନା, ରେଞ୍ଜର ବନବିହାରୀ ସର୍ଦ୍ଦାରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଏସପିଙ୍କୁ ଭେଟିଲେ ଭାଜପା ପ୍ରତିନିଧି ଦଳ

ରୂପସା, ୧୧।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅଧୀନ ବସ୍ତା ନିର୍ବାଚନମଣ୍ଡଳୀ ଭାଜପାର ଏକ ପ୍ରତିନିଧି ଦଳ ବାଲେଶ୍ୱର ଏସ୍‌ପି ସାଗରିକା ନାଥଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ବସ୍ତା ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥା, ବ୍ୟାପକ ଚୋରାମଦ କାରବାର, ବେଆଇନ ଗୋଚାଲାଣ, ରାଜପଥରେ ବଟି ଆଦାୟ ଆଦି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଭାଜପାର ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା, ଯୁବମୋର୍ଚ୍ଚା ବସ୍ତା ମଣ୍ଡଳ ସଭାପତି ଧୀରେନ୍ କୁମାର ସେଠୀ, କୃଷକ ମୋର୍ଚ୍ଚା ଜିଲା ଉପସଭାପତି ସୂର୍ଯ୍ୟନାରାୟଣ ସାହୁ, ଧ୍ରୁବଚରଣ ସାହୁ, ଓବିସି ମୋର୍ଚ୍ଚା ସଭାପତି ରମେଶ ରାଉଳ, ବସ୍ତା ମଣ୍ଡଳ ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା, ବସ୍ତା ମଣ୍ଡଳ ମିଡ଼ିଆ ସଂଯୋଜକ ନିଧିଆ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଦଳ ପକ୍ଷରୁ ଗରିବ ତଥା ସାଧାରଣ ଜନତା ଯେମିତି ନ୍ୟାୟ ପାଇବାରୁ ବଞ୍ଚିତ ନ ହେବେ ଏବଂ ଗୋ ମାତାଙ୍କ ସୁରକ୍ଷା ହୋଇପାରିବ ସେଥିପାଇଁ ବିଭିନ୍ନ ପରାମର୍ଶ ଓ ଦାବି ଉପସ୍ଥାପନ କରାଯାଇଥିଲା। ଏସ୍‌ପି ନାଥ ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।।

## 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ଜିଲା ସଂଯୋଜକଙ୍କୁ ସମ୍ବର୍ଦ୍ଧନା


ଜିଲା ସଂଯୋଜକ ଡା. ସଞ୍ଜୟ କୁମାର ଦାସଙ୍କୁ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

ତିହିଡ଼ି,୧୧।୧୨(ସଞ୍ଜିତ ବଳ)

'ଆମ ଓଡ଼ିଶା ନବୀନ ଓଡ଼ିଶା'ର ଭଦ୍ରକ ଜିଲା ସଂଯୋଜକ ଡା. ସଞ୍ଜୟ କୁମାର ଦାସଙ୍କୁ ବିଜେଡି ପକ୍ଷରୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ତିହିଡ଼ି ବ୍ଲକ ଅଧ୍ୟକ୍ଷାଙ୍କ ସରକାରୀ କ୍ୱାର୍ଟର୍ସ ପରିସରରେ ଜିଲା ମହିଳା ସଭାନେତ୍ରୀ ସୁଶ୍ରୀ ବିଦ୍ୟୁତଲତା ନାୟକଙ୍କ ପୌରୋହିତ୍ୟରେ ଧାମନଗର ଓ ବାସୁଦେବପୁର ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ପଞ୍ଚାୟତର ନେତାମାନେ ଯୋଗଦେଇ ଡା. ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲା ସାଧାରଣ ସମ୍ପାଦକ ହରେକୃଷ୍ଣ ଜେନା, ଚିନ୍ତାମଣି ଦାସ, ପ୍ରଦୀପ ପଣ୍ଡା, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରବୀର ନାୟକ, ସରପଞ୍ଚ ସୁପ୍ରଭା ପାଣି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଦେବକୀ ଦାସ, ଆଦିତ୍ୟ ଜେନା, ଗଣେଶ ପ୍ରସାଦ ବିଶ୍ୱାଳ, ଭୀମସେନ ବାରିକ, ଶଶଧର ସାମଲ, କମଳାକାନ୍ତ ଦାସ, ଶରତ ଦାସ, ସମିତିସଭ୍ୟ ଜୀବନଜ୍ୟୋତି ପଲାଇ, ଜୟପ୍ରକାଶ ମଲିକ, ଉମାକାନ୍ତ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ଜଙ୍ଗଲ ଜମିରୁ ବସ୍‌ଷ୍ଟପ୍ ଭାଙ୍ଗିଲା ବନବିଭାଗ

### କିସମ ପରିବର୍ତ୍ତନ ନ ହୋଇ ନିର୍ମାଣ ହେଉଥିଲା



ପାଟଣା,୧୧।୧୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କଣ୍ଟିଆପଡ଼ା ପଞ୍ଚାୟତ ବଲାଣିପଶି ଗ୍ରାମ୍ୟ ଜଙ୍ଗଲ ସନ୍ନିକଟ ମାନପୁର ଛକରେ ନିର୍ମାଣାଧୀନ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡକୁ ରବିବାର ବନ ବିଭାଗ ପକ୍ଷରୁ ଭାଙ୍ଗି ଦିଆଯାଇଛି। ଜଙ୍ଗଲ ଜମି କିସମ ପରିବର୍ତ୍ତନ ନ ହୋଇ ନିର୍ମାଣ ହେଉଥିବାରୁ ନିର୍ମାଣ କାର୍ଯ୍ୟରେ ରୋକ ଲଗାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ନିର୍ମାଣ କାର୍ଯ୍ୟ ସ୍ଥାନୀୟ ଆର୍‌ଆଇଙ୍କ ଜମି ଚିହ୍ନଟ ପରେ ବଲାଣି ପଶି ଗ୍ରାମ୍ୟ ଜଙ୍ଗଲ ଜମିରେ କାର୍ଯ୍ୟ ଚାଲିଥିଲା। ମାତ୍ର ରବିବାର ଖିରେଇ ଟାଙ୍ଗିରି ବନପାଳ ଶିବନାରାୟଣ ଦେବ ଓ ଗାର୍ଡ ଲକ୍ଷ୍ମୀପ୍ରିୟା ମହାନ୍ତ ପହଞ୍ଚି କାର୍ଯ୍ୟ ବନ୍ଦ କରିଥିଲେ। ପରେ ବନ କର୍ମଚାରୀ ନିର୍ମାଣ କାର୍ଯ୍ୟକୁ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଉକ୍ତ ଘଟଣାକୁ ନେଇ ସୋମବାର ସାମାଜିକ କର୍ମୀ ମିତ୍ରଭାନୁ ମହାନ୍ତ ଲୋକଙ୍କ ଉଦ୍ଦେଶ୍ୟରେ ନିର୍ମାଣକୁ ବନ ବିଭାଗ ଭାଙ୍ଗି ଦେବାକୁ ବିରୋଧ କରି ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଡିଏଫଓ ଧନରାଜ ହନୁମନ୍ତଙ୍କ ଉପସ୍ଥିତିରେ ଅଭିଯୋଗ କରିଛନ୍ତି। ଶୁଣାଣି ପରେ ଡିଏଫଓ, ରେଞ୍ଜର ବନ ବିହାରୀ ସର୍ଦ୍ଦାର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଡିଏଫଓ ଧନରାଜ କହିଛନ୍ତି, ଗ୍ରାମର ଖାତା ସଂଖ୍ୟା ୭୨, ପ୍ଲଟ୍ ନମ୍ବର ୫୭୮ରେ ପ୍ଲାଣ୍ଟେସନ ନଷ୍ଟ କରି ନିର୍ମାଣ କାର୍ଯ୍ୟ ହେଉଛି। ଏଣୁ କାର୍ଯ୍ୟକୁ ବନ୍ଦ କରାଯାଇଛି। ଫରେଷ୍ଟ ଜମିକୁ କିସମ ପରିବର୍ତ୍ତନ ପରେ ନିମାଣ କାର୍ଯ୍ୟ ହୋଇପାରିବ ବୋଲି ସେ କହିଥିଲେ।

## ସ୍ତ୍ରୀ ହତ୍ୟାକାରୀଙ୍କୁ ୧୦ ବର୍ଷ ଜେଲ

ଚମ୍ପୁଆ,୧୧।୧୨(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ସ୍ତ୍ରୀଙ୍କୁ ହତ୍ୟା ଘଟଣାର ରାୟ ପ୍ରକାଶ ପାଇଛି। ଜଜ୍ ସରୋଜ କୁମାର ଦାସ ମୃତକଙ୍କ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଆନାଦେୟ ୬ ମାସ ଅଧିକ ଦଣ୍ଡ ଭୋଗିବାକୁ ପଡ଼ିବ। ମାମଲା ବିବରଣୀ ଅନୁଯାୟୀ, ରାଇଗୁଡ଼ି ଗ୍ରାମର ଦମୟନ୍ତୀ ମହାନ୍ତଙ୍କ ଝିଅ ଲିଲିମାଣୀ ମହାନ୍ତଙ୍କୁ ୨୦୧୯ରେ ଅର୍ଶଳା ଗ୍ରାମର କୁନାଲ ମହାନ୍ତ ବିବାହ କରିଥିଲେ। ବିବାହର ୧ ବର୍ଷ ପରେ ଅଧିକ ଯୌତୁକ ଦାବି କରି ୧୨ ଫେବୃୟାରୀ ୨୦୨୦ ଦିନ କୁନାଲ ତାଙ୍କ ମାଇଁ ଅଇଲା ମିଶି ଲିଲିମଣୀଙ୍କ ଉପରେ କିରୋସିନ ଢ଼ାଳି ହତ୍ୟା କରିଥିଲେ। ସେ ସମୟରେ ଲିଲି ଗର୍ଭବତୀ ଥିଲେ। ଏ ନେଇ ଦମୟନ୍ତୀ ମହାନ୍ତଙ୍କ ଏତଲା କ୍ରମେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରାଜଜ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ମାତ୍ର ଅଭିଯୁକ୍ତ ମାଇଁ ବର୍ତ୍ତମାନ ସୁଧା ଧରାପଡ଼ି ନ ଥିବା ସରକାରଙ୍କ ପକ୍ଷରୁ ମାମଲ ପରିଚାଳନା କରୁଥିବା ଆଇନ୍‌ଜୀବୀ ମଧୁସୂଦନ ପତି ସୂଚନା ଦେଇଛନ୍ତି।

## ମା' ତାରିଣୀ କ୍ରିକେଟ ଟୁର୍ନାମେଣ୍ଟ: ହରିଚନ୍ଦନପୁର ଚାମ୍ପିୟନ

ଖଇରା, ୧୧।୧୨(ଉତ୍କଳବନ୍ଧୁ ପଣ୍ଡା)



ଅତିଥିଙ୍କ ଗହଣରେ ଚାମ୍ପିୟନ ହରିଚନ୍ଦନପୁର ଟିମ୍।

ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ଗ୍ରାମ ପଞ୍ଚାୟତ ଅଧୀନ ଭୁଦେଇଶୁଳ ଗ୍ରାମରେ ଚାଲିଥିବା ମା' ତାରିଣୀ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ହରିଚନ୍ଦନପୁର ଏକାଦଶ ଡୁଙ୍ଗୁରା ଏକାଦଶକୁ ୧୩ରନରେ ପରାସ୍ତ କରି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ବିଜୟ ବାରିକ ଓ ପ୍ରମୋଦ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ। ସିମୁଳିଆ ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ମୁଖ୍ୟଅତିଥି, ସିମୁଳିଆ ନିର୍ବାଚନମଣ୍ଡଳୀର ଯୁବ ସଭାପତି ନିରଞ୍ଜନ ପରିଡା, ଯୁବନେତା ତପନ ଦାସ, ପ୍ରଫୁଲ୍ଲ ବଳବନ୍ତରାୟ, ବାବୁଲି ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ୫ ହଜାର ଓ ରନର୍ସ ଅପ ଦଳକୁ ୪ହଜାର ଟଙ୍କା ପ୍ରଦାନ କରିଥିଲେ। ମା' ତାରିଣୀ ୟୁଥ କ୍ଲବ ସଭାପତି ମନୋଜ ପାତ୍ର, ସଭ୍ୟ ଜୀବନ ପରିଡା, ଜୟନ୍ତ ପାତ୍ର, ପ୍ରଦୀପ ସାହୁ, କରୁଣାକର ଦାସ, ରଞ୍ଜିତ ପାତ୍ର, ଆଶିଷ ପାତ୍ର, ବ୍ରହ୍ମାନନ୍ଦ ପାତ୍ର ଓ ବିଜୟ ମହାନ୍ତି ସହଯୋଗ କରିଥିଲେ।

# କଣ୍ଟାବଣିଆ-ଡାଲଙ୍ଗ ରାସ୍ତା ଖାଲଖମା

ଔପଦା, ୧୧।୧୨(ଧରିତ୍ରୀ ପଣ୍ଡା)



ଔପଦା କଲେଜ ଛକ କଣ୍ଟାବଣିଆରୁ ଡାଲଙ୍ଗ ପର୍ଯ୍ୟନ୍ତ ବହୁ ପୁରାତନ ଆର୍‌ଡି ରାସ୍ତାକୁ ଅତିକ୍ରମ କରିଥିବା କେନାଲ ସ୍ଥାନ ଖାଲଖମା ହୋଇ ମରଣଯନ୍ତା ପାଲଟିଛି। କଣ୍ଟାବଣିଆରୁ ଡାଲଙ୍ଗ ପର୍ଯ୍ୟନ୍ତ ଯାଇଥିବା ୯ କି.ମି. ଆର୍‌ଡି ରାସ୍ତା ଉପରେ ଔପଦା ଓ ଖଇରାର କେତେକ ଅଞ୍ଚଳର ଲୋକମାନେ ନିର୍ଭର କରନ୍ତି। ମୁଖ୍ୟତଃ ଔପଦା ଡାକ୍ତରଖାନା, ସ୍କୁଲ, କଲେଜ ଓ ବଜାରକୁ ଶତାଧିକ ଲୋକଙ୍କ ସହ ଛାତ୍ରୀଛାତ୍ରମାନେ ଏହି ରାସ୍ତା ଦେଇ ପ୍ରତିଦିନ ଯିବା ଆସିବା କରିଥାନ୍ତି।

ଆନନ୍ଦପୁର କେନାଲ ଡିଭିଜନ ଅଧୀନ ଆମ୍ବହୋତା କେନାଲ ନିର୍ମାଣ କାର୍ଯ୍ୟ ୨୦୧୮ମସିହାରୁ ଆରମ୍ଭ ହୋଇଛି। ଏହି ଆର୍‌ଡି ରାସ୍ତା ଦେଇ କେନାଲ ଯାଇଥିବା କଣ୍ଟାବଣିଆ ଓ ଦିଗିତେନ୍ତୁଳି ଗ୍ରାମ ନିକଟ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ନିର୍ମାଣାଧୀନ କେନାଲ ପାଇଁ ଭାରିଯାନଗୁଡ଼ିକ ଏହି ରାସ୍ତା ଦେଇ ଯାଉଥିବାରୁ କେନାଲ ବିଭାଗ ପକ୍ଷରୁ ରାସ୍ତା ଅତିକ୍ରମ କରିଥିବା ଏହି ଦୁଇ ଗ୍ରାମ ନିକଟ କେନାଲ ଉପରେ ବଡ଼ ବଡ଼ ପୋଲ ନିର୍ମାଣ କରାଯାଇଛି। ବିଭାଗର ଅବହେଳା ପାଇଁ ନିର୍ମାଣାଧୀନ ଏହି ପକ୍କା ପୋଲ ଉପରେ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଥିବାରୁ ପୋଲର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠୁଛି। ଏହି ରାସ୍ତା ପାଇଁ ଆର୍‌ଡି ବିଭାଗ ଓ କେନାଲ ବିଭାଗର ଦୃଷ୍ଟି ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ମହିଳା ମ୍ୟାଚ୍‌ରେ ବାଲେଶ୍ୱରକୁ ହରାଇଲା ବ୍ରହ୍ମପୁର

### ରତିକାନ୍ତ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

ଉଦଳା, ୧୧।୧୨(ସନ୍ତୋଷ କୁମାର ବାଛିନୀ)


ଅତିଥିଙ୍କଠାରୁ ବିଜେତା ଦଳ ଟ୍ରଫି ଗ୍ରହଣ କରୁଛି।

ମୟୂରଭଞ୍ଜ ଜିଲା ଉଦଳା କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ରତିକାନ୍ତ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ବର୍ଷା ପାଇଁ ବାତିଲ ଥିବା ମହିଳା ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜେସିଏ ଓ ବ୍ରହ୍ମପୁର ଆଲ୍‌ଫା ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିଲା। ଏଥିରେ ବାଲେଶ୍ୱର ଜେସିଏକୁ ବ୍ରହ୍ମପୁର ଆଲ୍‌ଫା ସ୍ପୋର୍ଟିଂ ହରାଇଛି। ପ୍ରଥମେ ବ୍ୟାଟିଂ କରି ବାଶ୍ୱେଶର ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୨୦ ରନ୍ କରିଥିଲା। ଦଳ ପକ୍ଷରୁ ସରୋଜିନୀ ଗିରି ୬୧ ଓ ସାକିନା ଖାତୁନ ୧୯ ରନ୍ କରିଥିଲେ। ଆଲଫା ସ୍ପୋର୍ଟିଂ ପକ୍ଷରୁ ପଦ୍ମାବତୀ ସିଂ ଓ ଜୁଲି ବେହେରା ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଆଲଫା ସ୍ପୋର୍ଟିଂ ୫ ଉଇକେଟ ହରାଇ ୧୨୩ ରନ୍ କରି ମ୍ୟାଚ୍ ଜିତିଥିଲା। ଦଳ ପକ୍ଷରୁ କେ ଶ୍ରୀଲତା ୪୧ ରନ୍ ସଂଗ୍ରହ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାଲେଶ୍ୱର ଦଳର ସରୋଜିନୀ ଚିତାକର୍ଷକ ୬୧ ରନ୍ ମାରିଥିବାରୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ସ୍ୱର୍ଗତ ରାଧାଗୋବିନ୍ଦ ଖୁଣ୍ଟିଆ ପୁରସ୍କାର ଲାଭ କରିଥିଲେ।

ଅତିଥି ଭାବେ ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ ଏବଂ ଗୀତା ଦାସ ଯୋଗଦେଇ ବିଜେତା ଓ ଉପବିଜେତା ଟିମ୍‌କୁ ପୁରସ୍କୃତ କରିଥିଲେ। ଆସୋସିଏଶନର ସମ୍ପାଦକ ହିମାଦ୍ରୀ ଶେଖର ପାଲ ମଞ୍ଚ ପରିଚାଳନା କରିଥିବା ବେଳେ ରତିକାନ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସଭାପତି ପ୍ରଦୀପ ପରିଡ଼ା ଓ ସମ୍ପାଦକ ଅମିତ ବେହେରା ଉପସ୍ଥିତ ଥିଲେ। ଖେଳ ପରିଚାଳନା କରିଥିଲେ ଲଲାଟ କେଶରୀ ନନ୍ଦ ଓ ସୁଶାନ୍ତ ମହାନ୍ତି। ଆସୋସିଏଶନ ସଭାପତି ଅମୀୟ ବଳଙ୍କ ନେତୃତ୍ୱରେ ଦିବେନ୍ଦୁ ବେହେରା, କାଜଲ ବେହେରା, ଆଲୋକ ପରିଡ଼ା, ରାଜନ ଦାସ, ଚନ୍ଦନ ଦୀକ୍ଷିତ ପ୍ରମୁଖ ପରିଚାଳନା କରିଥିଲେ।

## ଆଜି କ'ଣ କେଉଁଠି

ଭଦ୍ରକ
- ସବ୍‌ଡିଭିଜନ ଦାବିରେ ଭାଜପା ଯୁବମୋର୍ଚ୍ଚାର ପ୍ରତିବାଦ ସଭା, ସ୍ଥାନ: ତହସିଲ କାର୍ଯ୍ୟାଳୟ ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧।

# ଦୟନୀୟ ଅବସ୍ଥାରେ ମା' ବାସୁଳୀ ଠାକୁରାଣୀ ଶାଳ

ଚମ୍ପୁଆ,୧୧।୧୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଏନଏସିର ୧୦ ନମ୍ବର ୱାର୍ଡରେ ଥିବା ମା' ବାସୁଳୀ ଗ୍ରାମଠାକୁରାଣୀ ଶାଳ(ପୀଠ)ର ଅବସ୍ଥା ଦିନକୁ ଦିନ ଦୟନୀୟ ହୋଇପଡୁଛି। ଠାକୁରାଣୀ ଶାଳର ପୁନରୁଦ୍ଧାର ନିମନ୍ତେ ସାଧାରଣରେ ଦାବି ହୋଇଛି। ସୂଚନା ଅନୁଯାୟୀ, ରାଜା ରାଜୁଡ଼ାଙ୍କ ଅମଳରୁ ଗ୍ରାମଦେବୀ ଭାବେ ୱାର୍ଡରେ ଥିବା ମା' ବାସୁଳୀ ପୂଜା ପାଉଛନ୍ତି। ସ୍ଥାନୀୟ ଅଞ୍ଚଳର ଆସ୍ଥା ତଥା ବିଶ୍ୱାସର ପ୍ରତୀକ ଭାବେ ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ପ୍ରଥମ ପୂଜା କରାଯାଉଥିବା ବେଳେ ବୈଶାଖ


ଗ୍ରାମଦେବୀ ଠାକୁରାଣୀ ଶାଳ।

ମାସରେ ଓ ବିଭିନ୍ନ ମାନସିକଧାରୀ ପୂଜା କରିଆସୁଛନ୍ତି। ସ୍ଥାନୀୟ ଦେହୁରୀ ବାବୁଲା ନାଏକଙ୍କ ପରିବାର ଠାକୁରାଣୀ ଶାଳର ରକ୍ଷଣାବେକ୍ଷଣ କରିବା ସହିତ ପୂଜା କରିଆସୁଛନ୍ତି। ୨୦୧୫-୧୬ ମସିହାରେ ତତ୍କାଳୀନ ବିଧାୟକ ସନାତନ ମାହକୁଡଙ୍କ ସହାୟତାରେ ଠାକୁରାଣୀ ଶାଳର ପାଚେରି ନିର୍ମାଣ କରାଯାଇଥିଲା। ତାହା ମଧ୍ୟ ବର୍ତ୍ତମାନ ଭଗ୍ନ ଅବସ୍ଥାରେ ପଡ଼ିରହିଛି। ଉକ୍ତ ଶାଳକୁ ଯାତାୟାତର ସୁବିଧା ପାଇଁ ସଡ଼କ ନଥିବା ବେଳେ ଚତୁପାର୍ଶ୍ୱରେ ବଣବୁଦାରେ ଭରିଗଲାଣି। ଭକ୍ତମାନଙ୍କ ପାଇଁ ବିଶ୍ରାମ ପିଣ୍ଡି ଓ ପାନୀୟ ଜଳ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଚମ୍ପୁଆ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ କହିଛନ୍ତି, ତୁରନ୍ତ ଏଥିପ୍ରତି ପଦକ୍ଷେପ ନିଆଯାଇ ଉକ୍ତ ଶାଳର ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦିଆଯିବ।

## ୧୦ଘଣ୍ଟା ପରେ ପୋଖରୀରୁ ମିଳିଲା ମନୋରଞ୍ଜନଙ୍କ ମୃତଦେହ

ଖଇରା,୧୧।୧୨(ଉତ୍କଳବନ୍ଧୁ ପଣ୍ଡା)- ଖଇରା ବ୍ଲକ ସାରକୋଣା ଗ୍ରାମର ମନୋରଞ୍ଜନ ମହାନ୍ତିଙ୍କ ମୃତଦେହ ଘର ପାଖ ପୋଖରୀରୁ ୧୦ଘଣ୍ଟା ପରେ ଜବତ କରାଯାଇଛି। ମନୋରଞ୍ଜନ ପାଣିକୋଇଲି ଅଞ୍ଚଳରେ ଏକ ଘରୋଇ କଲେଜରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ରବିବାର ଘରକୁ ଆସି କାମ କରିବାକୁ ଚାଷଜମିକୁ ଯାଇଥିଲେ। ରାତିରେ ଘରକୁ ଫେରୁଥିବା ବେଳେ ଗୋଡ ଖସିଯିବାରୁ ରାସ୍ତା କଡରେ ଥିବା ପୋଖରୀରେ ପଡିଯାଇଥିଲେ। ଖଇରା ଅଗ୍ନିଶମ ବିଭାଗର କର୍ମଚାରୀମାନେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଠାବ କରିପାରି ନ ଥିଲେ। ସୋମବାର ସକାଳେ ଓଡ୍ରାଫ ଟିମ୍ ଖୋଜାଖୋଜି କରି ଉପରକୁ ଆଣିଥିଲେ। ଖଇରା ମେଡିକାଲକୁ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ମୋ ସ୍କୁଲ ଅଭିଯାନରେ ଅର୍ଥ ହରିଲୁଟ ଘଟଣା
# ଦାୟିତ୍ୱରୁ ଅପସାରଣ ହେଲେ ବିଇଓ ଅଫିସ ଆକାଉଣ୍ଟାଣ୍ଟ

ଖଇରା,୧୧।୧୨(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବିଭିନ୍ନ ସ୍କୁଲରେ ମୋ ସ୍କୁଲ ଅଭିଯାନରେ ଅଧିକାଂଶ ପ୍ରଧାନଶିକ୍ଷକ ଓ ବିଇଓ ଅଫିସ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ୧୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହେବା ପରେ ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାରଠାରୁ ତଦନ୍ତ ଆରମ୍ଭ ହୋଇଛି। ଘଟଣାକ୍ରମେ ସୋମବାର ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ଦାୟିତ୍ୱରେ ଥିବା ଆକାଉଣ୍ଟାଣ୍ଟଙ୍କୁ କାର୍ଯ୍ୟରୁ ଅପସାରଣ କରିଛନ୍ତି। ଏ ସମ୍ପର୍କରେ ତଦନ୍ତ କରୁଥିବା ଔପଦା ବିଇଓ ନାରାୟଣ ଦାସଙ୍କୁ ଯୋଗାଯୋଗ କରିବାରେ ଏବେ ତଦନ୍ତ ସରିନାହିଁ। ତଦନ୍ତ ଶେଷ ହେବା ପରେ ସେ ସମସ୍ତ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ରଙ୍କୁ ଫୋନ ଯୋଗେ ସମ୍ପର୍କ କରାଯିବାରେ ତଦନ୍ତ ରିପୋର୍ଟ ମିଳିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଏଭଳି ବଡ ଦୁର୍ନୀତିରେ ବ୍ଲକସ୍ତରରୁ ଜିଲାସ୍ତରର ଅଧିକାରୀଙ୍କ ସମ୍ପୃକ୍ତି ଥିବାରୁ ଭିଜିଲାନ୍ସ ସ୍ୱତନ୍ତ୍ର ସେଲ ଦ୍ୱାରା ତଦନ୍ତ କରାଯିବାକୁ ଦାବି ହୋଇଛି। ଉକ୍ତ ଦୁର୍ନୀତିରେ କିଛି କର୍ମଚାରୀ କୋଟି କୋଟି ଟଙ୍କା ମୂଲ୍ୟର ଜମି ହାତେଇଥିବା ବେଳେ କିଛି ଅଧିକାରୀଙ୍କୁ ଦାମୀ ଗାଡି ଉପହାର ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି।

# ୭୩ ପଞ୍ଜୀକୃତ, ୪୫ ସମାଧାନ


ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଅଭିଯୋଗ ଗ୍ରହଣ କରୁଛନ୍ତି।

## ବାହାନଗା ବ୍ଲକରେ ମିଳିତ ଜନଶୁଣାଣି

ବାହାନଗା,୧୧।୧୨(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ସଭାଗୃହରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୭୩ ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ୪୫ ଅଭିଯୋଗର ସମାଧାନ ହୋଇଛି। ଏହାକୁ ଉଦ୍‌ଘାଟନ କରିଥିଲେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ। ଶିବିରରେ ଜିଲାପାଳ ଶିନ୍ଦେଙ୍କ ସମେତ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଉପଜିଲାପାଳ କୁନାଲ ମୋତିରାମ ଚୌହାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୁଲାଳ ସେନ୍ ଜଗଦେବ, ବିଡିଓ ରବୀନ୍ଦ୍ର କୁମାର ସେଠୀ, ବାହାନଗା ତହସିଲଦାର ସସ୍ମିତା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଆସୁଥିବା ଅଭିଯୋଗଗୁଡ଼ିକୁ ଗ୍ରହଣ କରି ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗ ଅଧିକାରୀମାନଙ୍କ ନିକଟକୁ ପଠାଇ ଦିଆଯାଇଥିଲା। ବ୍ଲକରେ ମିଳିତ ଜନଶୁଣାଣି ନିମନ୍ତେ ୨୪ ପଞ୍ଚାୟତର ୭୩ ଅଭିଯୋଗ ପଞ୍ଜୀକୃତ କରାଯାଇଛି। ତେବେ ୪୫ ଅଭିଯୋଗକୁ ଜିଲାପାଳଙ୍କ ଉପସ୍ଥିତିରେ ସମାଧାନ କରାଯାଇଛି। ତେବେ ପ୍ରଧାନମନ୍ତ୍ରୀ ଆବାସ ନିମନ୍ତେ ୧୯ ଅଭିଯୋଗ କରାଯାଇଛି। ସାଧାରଣତଃ ପ୍ରଧାନମନ୍ତ୍ରୀ ଆବାସରେ ବ୍ଲକ ପ୍ରଶାସନ ପକ୍ଷରୁ ଜାଣିଶୁଣି ରାଜନୈତିକ ଚାପରେ ଘର ସବୁ କାଟି ଦିଆଯାଇ ଆସିଥିବା ବିଭିନ୍ନ ଗ୍ରାମର ମା'ମାନେ ଅଭିଯୋଗ କରିବା ସହିତ ଅଧିକାରୀମାନଙ୍କ ସହିତ ପାଟିତୁଣ୍ଡ କରିଥିଲେ। ରାଶନ କାର୍ଡରେ ନାମ ଯୋଡିବା, ଭତ୍ତା ବାବଦରେ ଅଭିଯୋଗ ମୁଖ୍ୟତଃ ଅଧିକ କରାଯାଇଥିଲା। ଏହାସହିତ ରେଡକ୍ରସ ବାବଦରେ ଗୋଟିଏ ଅଭିଯୋଗ କରାଯାଇଥିଲା। ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜୁରୁଡ଼ି ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ସେବା ଅଚଳ

ଯୋଡ଼ା,୧୧।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଜୁରୁଡି ଅଞ୍ଚଳରେ ବିଏସ୍‌ଏନ୍‌ଏଲ (ଭାରତ ସଞ୍ଚାର ନିଗମ ଲିମିଟେଡ୍)ର ସେବା ଅଚଳ ହୋଇପଡ଼ିଛି। ଫଳରେ ଉପଭୋକ୍ତାମାନେ ମୋବାଇଲ ଓ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହେଉଛନ୍ତି। ବିଏସ୍‌ଏନ୍‌ଏଲ ଏକ ସରକାରୀ ସଂସ୍ଥା ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ନିୟମିତ ତଦାରଖ ଅଭାବରୁ ଏହା ଲୋକଙ୍କଠାରୁ ଦୂରେଇ ଯାଉଛି। ଗତ କିଛି ଦିନ ଧରି ଜୁରୁଡି ଓ ଆଖପାଖ ଅଞ୍ଚଳରେ ବିଏସ୍‌ଏନ୍‌ଏଲ ନେଟ୍‌ୱାର୍କ ଏକ ପ୍ରକାର ଠପ୍ ହୋଇଯାଇଛି। ଯଦ୍ୱାରା ଯୋଗାଯୋଗ ହୋଇପାରୁନାହିଁ ବୋଲି ସୁରେନ୍ଦ୍ର ନାଥ ମହାନ୍ତି, ଦାଶରଥି ପେଣ୍ଟେଇ କହିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଜୁରୁଡି ଅଞ୍ଚଳରେ ବିଏସ୍‌ଏନ୍‌ଏଲ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନେକ ଉପଭୋକ୍ତା ଉତ୍ତମ ସେବା ପାଇବା ପାଇଁ ନିଜ ନମ୍ବର୍‌କୁ ବିଏସ୍‌ଏନ୍‌ଏଲରୁ ଅନ୍ୟ ଘରୋଇ ଟେଲି କମ୍ପାନୀକୁ ପରିବର୍ତ୍ତନ କଲେଣି। ସେବା ବିପର୍ଯ୍ୟସ୍ତ ହେବା ଯୋଗୁ ଅନ୍‌ଲାଇନ ବ୍ୟାଙ୍କି ସେବା ଓ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେଉଛି। ଏଥିସହ ଲୋକମାନେ ଜୁରୁଡି ଅଞ୍ଚଳରେ ବିଏସ୍‌ଏନ୍‌ଏଲ ନେଟ୍‌ୱର୍କ ସହିତ ସଂଯୋଗ ହେବା ପାଇଁ ପାହାଡ଼, ଉଚ୍ଚ ଅଟ୍ଟାଳିକା ଓ ଗଛ ଉପରେ ଚଢ଼ି ଫୋନ ବ୍ୟବହାର କରୁଛନ୍ତି। ନେଟ୍‌ୱର୍କ ରହୁ ନ ଥିବାରୁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ସୁବିଧାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଉପଭୋକ୍ତାମାନଙ୍କୁ ସଂସ୍ଥା ସେବା ଯୋଗାଇବାରେ ବିଫଳ ହେଉଛି ବୋଲି କହିଛନ୍ତି। ଏ ନେଇ ବିଏସ୍‌ଏନ୍‌ଏଲ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## କଳାବ୍ୟାଜ୍ ପିନ୍ଧି ରିଟେଲରଙ୍କ ବିକ୍ଷୋଭ


ରିଟେଲରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଯୋଡ଼ା,୧୧।୧୨(ମାନସ ମହାନ୍ତି): ଯୋଡ଼ା ରିଟେଲର ସଂଘ ପକ୍ଷରୁ ବକେୟା ପାରିଶ୍ରମିକ ଓ ବିଭିନ୍ନ ଦାବି ନେଇ କଳାବ୍ୟାଜ ପରିଧାନ କରି ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ରିଟେଲରମାନେ ଖାଉଟି ସାମଗ୍ରୀକୁ ସୁଚାରୁ ରୂପେ ବଣ୍ଟନ କରିଆସୁଥିଲେ ମଧ୍ୟ ସେମାନଙ୍କୁ ପାରିଶ୍ରମିକ ମିଳିନାହିଁ। କେନ୍ଦ୍ର ସରକାରଙ୍କ ଅଧୀନ ଏହି ଯୋଜନାରେ ରିଟେଲରଙ୍କ ବକେୟା ଅର୍ଥ ରାଶିକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ ମଧ୍ୟ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି। ଏହା ସହିତ ରିଟେଲରମାନଙ୍କ ପାରିଶ୍ରମିକ ଅର୍ଥ ରାଶି ବୃଦ୍ଧି, ବକେୟା ଅର୍ଥ ରାଶି ପ୍ରଦାନ ଆଦି ଦାବି ନେଇ ସର୍ବଭାରତୀୟ ଡିଲର ଫେଡେରେସନଙ୍କ ନିଷ୍ପତ୍ତି କ୍ରମେ ଏହି ବିକ୍ଷୋଭ ଚଳିତ ମାସ ଡିସେମ୍ବର ୧୦ରୁ ସମଗ୍ର ଦେଶରେ ଜାରି ରହିଛି। ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ସମୟ ମଧ୍ୟରେ ରିଟେଲରମାନେ କଳାବ୍ୟାଜ ପିନ୍ଧି ଖାଉଟି ସାମଗ୍ରୀ ବିତରଣ କରିବେ। ୧୬ ଡିସେମ୍ବରଠାରୁ ୩୧ ଡିସେମ୍ବର ପର୍ଯ୍ୟନ୍ତ ସରକାର କୌଣସି ନିଷ୍ପତ୍ତି ଗ୍ରହଣ ନକଲେ ଜାନୁୟାରୀ ୧ ଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଖାଉଟି ସାମଗ୍ରୀ ବିତରଣ ବନ୍ଦ କରିବା ସହିତ ୧୬ ଜାନୁୟାରୀରେ ସଂସଦ ଭବନ ଘେରାଉ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ଅସଲି ଶିକ୍ଷକ, ନକଲି ସାର୍ଟିଫିକେଟ

କେନ୍ଦୁଝର,୧୧।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ମାଟକାମ ବେଡା ସରକାରୀ ଏସ୍‌ଟି ଏସି ବିଭାଗ ଅଧୀନରେ ଚାଲିଥିବା ମାଟକାମବେଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଶିକ୍ଷକ ନକଲି ବିଡି ସାର୍ଟିଫିକେଟରେ ଚାକିରି କରିଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଛି। ଜନୈକ ଶିକ୍ଷକ ୧୯୯୬ ନଭେମ୍ବରରେ ଦେଇଥିବା ବିଡି ପରୀକ୍ଷାରେ ଫେଲ ହୋଇଥିଲେ। ସେ ଉତ୍କଳ ୟୁନିଭରସିଟି ଉତ୍କଳ ବିଶ୍ୱବିଦ୍ୟାଳୟରୁ ବିଡି ପାସ କରିଥିବା ସାର୍ଟିଫିକେଟରେ ଚାକିରି କରିଛନ୍ତି। ଚାକିରିବେଳେ ଦେଇଥିବା ବିଡି ପ୍ରମାଣପତ୍ରରେ ୧୯୯୬ ମସିହା ମେ ମାସରେ ପରୀକ୍ଷା ଦେଇ ପାସ କରିଛନ୍ତି। ମାତ୍ର ସୂଚନା ଅଧିକାର ଆଇନ୍‌ରେ ସୂଚନା ମାଗିବାରୁ ସେ ଫେଲ ହୋଇଥିବା ୧୦ ଅକ୍ଟୋବର ୨୩ ରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗୋଟିଏ ବିଦ୍ୟାଳୟରେ ଚାକିରି କରିଥିଲେ ହେଁ ବଦଳ ହେଉନାହାନ୍ତି। ଜିଲା ମଙ୍ଗଳ ଅଧିକାରୀ ପ୍ରବିର କୁମାର ଦେଓ କହିଛନ୍ତି, ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଜିଲାରେ ଖୋଲିଲା ଧାନମଣ୍ଡି

ବାରିପଦା, ୧୧।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଚଳିତବର୍ଷର ଚାଷୀମାନଙ୍କଠାରୁ ଧାନ କିଣାଯିବା ପାଇଁ ମଣ୍ଡି ସୋମବାର ଖୋଲିଥିବା ବେଳେ ବିଶୋଇ ସେବା ସମବାୟ ସମିତିରେ ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ବିନୀତ ଭରଦ୍ୱାଜ ମଣ୍ଡିକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲାପାଳ ଧାନ ବିକ୍ରି କରିବା ପାଇଁ ଉପସ୍ଥିତ ଥିବା ଚାଷୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ବୁଝିବା ସହ ଛୋଟମୋଟ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମଣ୍ଡିକୁ ବିକ୍ରି ଉପଯୋଗୀ ଉତ୍ତମ ମାନର ଧାନ ଆଣିବା ପାଇଁ ସେ ଚାଷୀମାନଙ୍କୁ କହିବା ସହ କୌଣସି କ୍ଷେତ୍ରରେ ଅସୁବିଧା ଦେଖାଦେଲେ ସମ୍ପୃକ୍ତ


ଜିଲାପାଳ ବିନୀତ ଭରଦ୍ୱାଜ ଫିତା କାଟି ଧାନମଣ୍ଡି ଶୁଭାରମ୍ଭ କରୁଛନ୍ତି।

ଅଧିକାରୀମାନଙ୍କ ସହ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ମିଲରମାନଙ୍କୁ ଠିକ୍ ସମୟରେ ଗାଡ଼ି ପହଞ୍ଚାଇବା ସହ ପ୍ରତ୍ୟେକ ଦିନର ଧାର୍ଯ୍ୟ ଲକ୍ଷ୍ୟ ସଂଗୃହୀତ ଧାନ ସେହିଦିନ ଉଠାଇ ନିଆଯିବ, ସେଥିପ୍ରତି ଯତ୍ନବାନ ହେବାକୁ ଜିଲାପାଳ କହିଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ, ସମବାୟ ସମିତି ଉପନିବନ୍ଧକ, ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସମେତ ସମିତି ସ୍ତରୀୟ ଧାନ ସଂଗ୍ରହ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଜିଲାର ବିଭିନ୍ନ ମଣ୍ଡିରେ ମୋଟ ୫୦ ହଜାର ୨୬ଜଣ ଚାଷୀ ଧାନବିକ୍ରିକରିବା ପାଇଁପଞ୍ଜୀକୃତ ହୋଇଛନ୍ତି।

## ସର୍ବଭାରତୀୟସ୍ତରରେ ସଫଳତା ପାଇଲେ କୃଷ୍ଣ



କେନ୍ଦୁଝର,୧୧।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ): ଅଲ ଇଣ୍ଡିଆ ଫୁଟ୍‌ବଲ ଫେଡ୍‌ରେସନ ଏବଂ ଓଡ଼ିଶା ଫୁଟବଲ ଆସୋସିଏନ ଦ୍ୱାରା ପରିଚାଳିତ ହୋଇଥିବା ଏଏଫ୍‌ସି ଡିପ୍ଲୋମା ସି ଲାଇସେନ୍ସ କୋଚିଂ କୋର୍ସ ୨୦୨୩-୨୪ ନଭେମ୍ବର ୨୭ ରୁ ଚଳିତ ମାସ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବଭାରତୀୟସ୍ତରରେ ୧୮ ଜଣ ଫୁଟବଲ କୋଚ୍ ଅଂଶ ଗ୍ରହଣ କରିଥିଲେ। କେନ୍ଦୁଝର ଜିଲା ରାଇକଳା ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି। ସେ ଜିଲାର ଏକମାତ୍ର ସି ଲାଇସେନ୍ସ ପ୍ରାପ୍ତ ଫୁଟବଲ କୋଚ ହୋଇଥିବା ବେଳେ ବଡ଼ବିଲସ୍ଥିତ ଏକ କମ୍ପାନୀରେ ଫୁଟବଲ କୋଚ୍ ଭାବରେ କାର୍ଯ୍ୟ କରୁଛନ୍ତି। ସଫଳତା ପାଇଁ ଜିଲାରେ କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

# ସହରରେ ବଢୁଛି ନାବାଳକ ଅପରାଧୀଙ୍କ ସଂଖ୍ୟା

## ୨ ଗିରଫ, ୪ ଅଟକ

ବାରିପଦା, ୧୧।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରରେ ବଢୁଛି ନାବାଳକ ଅପରାଧୀ। ଟାଉନ ପୋଲିସ ଚଢ଼ାଉ କରି ୪ ନାବାଳକ ଅପରାଧୀଙ୍କୁ ଧରି ଜୁଭେନାଇଲ କୋର୍ଟରେ ହାଜର କରିଥିବା ବେଳେ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସମସ୍ତ ନାବାଳକ ବାରିପଦା ସହରର ହୋଇଥିବା ବେଳେ ଅନ୍ୟ ଦୁଇଜଣଙ୍କ ଘର ୨୦ ନଂ. ୱାର୍ଡର ଶୂନଗଡ଼ିଆ ଅଞ୍ଚଳରେ। ଦୁଇ ଅଭିଯୁକ୍ତ ହେଲେ ରାକେଶ ମୁଖି(୪୨) ଓ ବସନ୍ତ ମୁଖି(୩୧)। ସେମାନଙ୍କଠାରୁ ୪୬ହଜାର ୨୭୦ଟଙ୍କା, ୮ଟି ମୋବାଇଲ, ୧୬ଟି ବିଭିନ୍ନ ଓଜନର ସୁନା ଓ ରୁପା ଗହଣା, ବିପୁଳ ମାତ୍ରାର ଇମିଟେଶନ ଗହଣା ଓ ଘରକରଣା ସାମଗ୍ରୀ ଜବତ କରାଯାଇଛି। ସେମାନେ ସହରର ଦେବେନ୍ଦ୍ରପୁର, ତୁଳସୀଚଉରା, ପ୍ରଫୁଲ୍ଲନଗର, କାଳିମନ୍ଦିରସାହି ଏବଂ ଅନ୍ୟାନ୍ୟ ସ୍ଥାନରୁ ଚୋରି ଓ ଛିନ୍‌ତାଇ କରିଥିବା ନେଇ ଜିଲା ପୋଲିସ ମୁଖ୍ୟାଳୟରେ ଏସ୍‌ପି ଏସ୍. ସୁଶ୍ରୀ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ସହରରେ ଚୋରି, ଛିନ୍‌ତାଇ ଘଟଣା ଦିନକୁ ଦିନ ବଢ଼ିବା ଚାଲିଥିବାରୁ ଟାଉନ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିଥିଲା। ଶନିବାର ବିଳମ୍ବିତ ରାତିରେ ଲାଲସାହେବ ଛକ ନିକଟରେ କେତେଜଣ ଯୁବକ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖି ପୋଲିସ ଅଟକାଇଥିଲା। ପୋଲିସକୁ ଦେଖି ସେମାନଙ୍କ ମଧ୍ୟରୁ କେତେକ ଦୌଡ଼ି ପଳାଇଥିବା ବେଳେ ୬ଜଣଙ୍କୁ ଅଟକ ରଖି ତଲାସୀ କରିଥିଲା। ସେମାନଙ୍କଠାରୁ କିଛି ମାରଣାସ୍ତ୍ର ଓ ଗୋଟିଏ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ସେମାନଙ୍କ ଘରୁ ଏସବୁ ସାମଗ୍ରୀ ଜବତ ସହ ଏକ ମାମଲା (ନଂ.୭୬୬/୨୩) ରୁଜୁ କରାଯାଇଥିଲା। ୬ଜଣ ବିଭିନ୍ନ ସ୍ଥାନରୁ ଚୋରି ଓ ଛିନ୍‌ତାଇ ଭଳି ଅପରାଧ କରିଥିବା ନେଇ ଥାନାରେ ମାମଲା ରୁଜୁ ହୋଇଛି। ଦୁଇଦିନ ପୂର୍ବରୁ ମୋବାଇଲ ଫୋନ୍ ଛିନ୍‌ତାଇ ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ଧରିଥିଲା। ବିଭିନ୍ନ ସ୍ଥାନରେ ଛିନ୍‌ତାଇ ହୋଇଥିବା ମୋଟ ୭୦ଟି ମୋବାଇଲ ଫୋନ ମଧ୍ୟରୁ ୭ଜଣଙ୍କୁ ଏସ୍‌ପିଙ୍କ ଉପସ୍ଥିତିରେ ମୋବାଇଲ ଫେରସ୍ତ କରାଯାଇଛି। ବିଶେଷକରି ଶୂନଗଡିଆ ଅଞ୍ଚଳରେ ନିଶା କାରବାର ଓ ଚୋରି, ଛିନ୍‌ତାଇ ମାମଲାରେ ଅନେକ ଯୁବକ ଅପରାଧମୂଳକ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉ କରି ନିଶା କାରବାର ରୋକିବା ଦିଗରେ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି।

# ବ୍ଲକସ୍ତରୀୟ ଶିଶୁ ଉତ୍ସବ: ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

ଧାମନଗର, ୧୧।୧୨ (ଦେବେନ୍ଦ୍ର ଆଦିଆ)- ଭଦ୍ରକ ଜିଲା ଧାମନଗର ବ୍ଲକର ରଇପୁର ପଞ୍ଚାୟତ ଜୟଦୁର୍ଗା ହାଇସ୍କୁଲଠାରେ ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଓଷ୍ଟାର ବ୍ଲକ ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ସଂଘର ରାଜ୍ୟ ନେତୃତ୍ୱ ଅକ୍ଷୟ କୁମାର ହୋତା, ସମ୍ପାଦିକା ସୁରଜିତା ନାୟକ, ଜିଲା ସଭାପତି ରମାକାନ୍ତ ପରିଡ଼ା, ସମ୍ପାଦକ ପ୍ରଦୀପ୍ତ କୁମାର ଦାସ, ସରପଞ୍ଚ ଜଗଦାନନ୍ଦ ସେଠୀ, ପାଳସାହି ସେବା ସମବାୟ ସମିତିର ସଭାପତି ଭାଗବତ ଖଟୁଆ, ଶିକ୍ଷକ ନେତା ସାଧୁଚରଣ ଷଡ଼ଙ୍ଗୀ ଓ ପର୍ଶୁରାମ ପାତ୍ର ଯୋଗ ଦେଇଥିଲେ। ଶିକ୍ଷକ ରଞ୍ଜନ ଖଟୁଆ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଓଷ୍ଟାର ବ୍ଲକ ସମ୍ପାଦକ ହେମନ୍ତ କୁମାର ସୂତାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଧାନଶିକ୍ଷକ ଗଙ୍ଗାଧର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ଦେଖାଇଥିଲେ। ୨୦ କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ଶିଶୁ ଉତ୍ସବକୁ ମନୋନୀତ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କ ସମେତ ଶିକ୍ଷକ, ଶିକ୍ଷା କର୍ମଚାରୀ ଏବଂ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଧୁଷୁରୀ ଏମ୍‌ଡି ହାଇସ୍କୁଲର ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ସାହୁଙ୍କୁ ରୌପ୍ୟ ପଦକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ବିଷ୍ଣୁମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.57/ET/SBP/ENGG/2023-24, ତା.04.12.2023ରିଖ

ଇ-ଟେଣ୍ଡର ସଂ.41-eT-SDENC-SBP-23

କାର୍ଯ୍ୟର ନାମ : 24 ମାସ ସମୟ ଅବଧି ନିମନ୍ତେ ସମ୍ବଲପୁରରେ ସେକ୍ଟର-A ଠାରେ ଅଧସ୍ତନ ବିଶ୍ରାମ ଗୃହ, ଷ୍ଟେସନ ବିଲ୍ଡିଙ୍ଗ୍ ଠାରେ ଅଧିକାରୀ ବିଶ୍ରାମ ଗୃହ ଏବଂ ରେଳନଗର ଠାରେ ଅଧିକାରୀ ବିଶ୍ରାମ ଗୃହର ଦେଖାଶୁଣା ଓ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 81,67,330.56, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,63,400/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.29.12.2023 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍), ସମ୍ବଲପୁର
PR-871/O/23-24

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMRIT-BHARAT-06-360, ତା.05.12.2023ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଞ୍ଚେଶ୍ୱର (MCS), ଢେଙ୍କାନାଳ (DNKL), ତାଳଚେର (TLHR) ଏବଂ ଅନୁଗୁଳ (ANGL) ଷ୍ଟେସନଗୁଡ଼ିକ ଠାରେ ଅମୃତ ଭାରତ ଷ୍ଟେସନ ସ୍କିମ୍ (ABSS) ସମ୍ବନ୍ଧୀୟ ବିଭିନ୍ନ ଦୂରସଂଚାର ଯାତ୍ରୀ ସୁବିଧାସୁଯୋଗ (CIB ଏବଂ TIB)ର ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 5,06,05,127.86, EMD (ଟଙ୍କାରେ) : 4,03,000/-

ବିଡ୍ ଆରମ୍ଭ ହେବା ତାରିଖ: ତା.13.12.2023ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.12.2023 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-868/O/23-24

**कार्यपालक अभियंता का कार्यालय,**
**ग्रामीण विकास विशेष प्रमंडल, जमशेदपुर**
**Email ID- rdsdjamshedpur@gmail.com**

:-शुद्धि पत्र:-

इस कार्यालय का ई0-निविदा आमंत्रण सूचना संख्या E-RDSD/JSR/16/2023-24 जिसका (PR No :- 311668 (Rural Development) 23-24)_ D में निम्न प्रकार से आंशिक संशोधन किया जाता है :-

1. वेबसाइट में निविदा प्रकाशन की तिथि – 12.12.2023
2. ई-निविदा प्राप्ति की तिथि एवं समय – दिनांक 12.12.2023 से दिनांक 20.12.2023 को अपराह्न 05:00 बजे तक।
3. ई-निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर।
4. ई-निविदा खोलने की तिथि एवं समय – 21.12.2023 अपराह्न 02:00 बजे।
5. ई-निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
6. ई-निविदा प्रकोष्ठ का दूरभाष सं0 – 7903003903
7. परिमाण विपत्र की राशि घट-बढ़ सकती है तदनुसार अग्रधन की राशि देय होगी।
8. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

शेष अन्य सभी शर्त्तें यथावत् रहेगा।

कार्यपालक अभियंता
ग्रामीण विकास विशेष प्रमंडल, जमशेदपुर

PR313163 (Rural Development)23-24*D

**ODISHA COAL AND POWER LTD.**
Odisha Coal and Power Limited (OCPL)
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 / 0674-2300664

**TENDER NOTICE**

NIT No.: OCPL/SITE-98/2023 Date: 12.12.2023

Sealed bids in prescribed format are invited from reputed Companies/Firms/Agencies for execution of the following work:

| Sl. No. | Name of the Work | Cost of Tender Paper | Last Date of Sale/ Download of Tender Document | Date of Submission/ Opening |
|---|---|---|---|---|
| 1 | Construction of Boundary Wall at Kutabaga UP School, Hemgir, Sundargarh, Odisha | Rs.5,900/- (Rupees five thousand nine hundred only) including GST @ 18% | 10.01.2024 | 03.00 P.M./ 03.30 P.M. on 17.01.2024 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.

Sd./- Sr. Manager (Commercial & Contracts)

**ଅଗ୍ନିବିପନ୍ନ ପରିବାର ପାଖରେ ପହଞ୍ଚିଲେ ବିଧାୟକ**

ବାସୁଦେବପୁର,(ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମୁଣ୍ଡା ପଞ୍ଚାୟତର ୧୦ ନଂ. ୱାର୍ଡରେ ରବିବାର ଅଗ୍ନିକାଣ୍ଡ ଘଟି ଲକ୍ଷ୍ମୀମଣି ମଳିକଙ୍କ ୨ବଖରା ଓ ଗଙ୍ଗାଧର ମଳିକଙ୍କ ୧ ବଖରା ଘର ସହ ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ସୋମବାର ଅଗ୍ନିବିପନ୍ନ ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଛନ୍ତି। କ୍ଷୟକ୍ଷତି ଆକଳନ କରି ତୁରନ୍ତ ୨ ପରିବାରକୁ ସରକାରୀ ସହାୟତା ରାଶି ପ୍ରଦାନ ପାଇଁ ରାଜସ୍ୱ ଅଧିକାରୀଙ୍କୁ ଜଣାଇଛନ୍ତି।

## ସଂକ୍ଷେପରେ

### ୯୧ ଅଭିଯୋଗର ଶୁଣାଣି

ରାଇରଙ୍ଗପୁର, ୧୧।୧୨(ମାନସ ମହାନ୍ତି)-ମୟୂରଭଞ୍ଜ ଜିଲା ବାମନଘାଟି ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁରଠାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସରୋଜ କୁମାର ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଜିଲାପାଳ ବିନୀତ ଭରଦ୍ୱାଜ ଅଧ୍ୟକ୍ଷତା କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ, ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳାନନ୍ଦ ସାହୁ ଓ ଚିକିତ୍ସା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୯୧ଟି ଅଭିଯୋଗପତ୍ର ଗ୍ରହଣ ହୋଇଥିବା ବେଳେ ୬୫ଟି ବ୍ୟକ୍ତିଗତ ଏବଂ ୨୬ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟାଭିତ୍ତିକ ସାମୂହିକ ଅଭିଯୋଗ ଥିଲା। ୩ଟିର ତତ୍କାଳ ସମାଧାନ କରାଯାଇଥିଲା। ୨ ଆବେଦନକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୫୦୦୦ ଲେଖାଏ ମୋଟ ୧୦,୦୦୦ ଟଙ୍କା ଜିଲାପାଳ ମଞ୍ଜୁର କରିଛନ୍ତି। ଅନ୍ୟାନ୍ୟ ଆପତ୍ତି ଅଭିଯୋଗଗୁଡ଼ିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ପଦକ୍ଷେପ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ବିଭାଗୀୟ ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ।

### ଶବର ସମାଜ ବୈଠକ

କେନ୍ଦୁଝର,୧୧।୧୨(ଦୀପକ ମିଶ୍ର): କେନ୍ଦୁଝର ସଦର ବ୍ଲକ୍ ବନାଯୋଡ଼ିଠାରେ ଶବର ସମାଜର ସଭାପତି ଇନ୍ଦ୍ରମଣି ଦେହୁରୀଙ୍କ ସଭାପତିତ୍ୱରେ ଶବର ସମାଜର ଏକ ବୈଠକ ଅନୁଷ୍ଠିତ ହେଇଯାଇଛି। ବୈଠକରେ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଚମ୍ପୁଆ ବ୍ଲକ୍ ସଭାପତି ମହାତ୍ମା ଦେହୁରୀ ଅତିଥିଭାବେ ଯୋଗଦେଇଥିଲେ। ବୈଲୋଚନ ଦେହୁରୀ, କୁମ୍ଭକର୍ଣ୍ଣ ଦେହୁରୀ, କୃଷ୍ଣଚନ୍ଦ୍ର ଦେହୁରୀ, ଦୁର୍ଯ୍ୟୋଧନ ନାଏକ, ଉଗ୍ରସେନ ଦେହୁରୀ ପରିଚାଳନା କରିଥିଲେ।

### ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

ଧାମନଗର,୧୧।୧୨(ଦେବେନ୍ଦ୍ର ଆଦ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)-ଭଦ୍ରକ ଜିଲା ଧାମନଗର ବ୍ଲକ ସଭାଗୃହରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ଯୋଗଦେଇ ମୋଟ ୩୮ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୨୯ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ସମସ୍ୟାଭିତ୍ତିକ ଅଭିଯୋଗ ଥିଲା। ଆବାସ ଯୋଜନା, ରାଶନ କାର୍ଡ, ଭତ୍ତା, ସ୍କୁଲ ଜମି ଜବରଦଖଲ, ଧାମନଗର ଏନ୍‌ଏସିରେ ସୁଇପର ନିଯୁକ୍ତିରେ ଅନିୟମିତତା ଆଦି ସମ୍ପର୍କିତ ଅଭିଯୋଗ ଆଗତ ହୋଇଥିଲା। ଉପଜିଲାପାଳ ମନୋଜ ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଏସ୍‌ଡିପିଓ ରମେଶ ସିଂ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ତହସିଲଦାର ଦୀପକ କୁମାର ଦାସ, ବିଡିଓ ବନବିହାରୀ ଦିଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ଶିମିଳିପାଳରେ ସର୍ବନିମ୍ନ ୪ ଡିଗ୍ରୀ

## ମୟୂରଭଞ୍ଜ ଜିଲାରେ ୧୦ ଡିଗ୍ରୀ ତଳେ ପାରଦ

ବାରିପଦା,୧୧।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଉତ୍ତର ଓଡ଼ିଶାରେ ଶୀତର ଲହରୀ ବୃଦ୍ଧି ପାଇଛି। ମୟୂରଭଞ୍ଜ ଜିଲାରେ ଶୀତର ପ୍ରକୋପ ବୃଦ୍ଧି ପାଉଥିବାରୁ ବୃଦ୍ଧାବୃଦ୍ଧ, ଶିଶୁ, ଗୃହପାଳିତ ପ୍ରାଣୀ ଓ ବନ୍ୟପ୍ରାଣୀମାନେ କଷ୍ଟ ଭୋଗୁଛନ୍ତି। ଏପରିକି ଜିଲାରେ ୧୦ ଡିଗ୍ରୀ ତଳେ ତାପମାତ୍ରା ରହୁଥିବା ବେଳେ ଜୈବ ମଣ୍ଡଳ ଶିମିଳିପାଳରେ ପାରଦ ସର୍ବନିମ୍ନ ୪ ଡିଗ୍ରୀ ସେଲ୍‌ସିୟସ ରହିଛି। ସନ୍ଧ୍ୟାହେଲେ ଗାଁଗଣ୍ଡା ଗୁଡ଼ିକ ଶୂନଶାନ ହୋଇଯାଉଛି। ନିଆଁ ଜାଳି ଲୋକେ ଶୀତକଷ୍ଟକୁ ଦୂର କରିବାରେ ଲାଗିଛନ୍ତି। ରାତି ୮ଟା ପରେ ସହର ଶୂନଶାନ ହୋଇଯାଉଛି। ରବିବାରଠାରୁ ଉତ୍ତର ଓଡ଼ିଶାରେ ପ୍ରବଳ ଶୀତ ଜାରିରହିଛି। ଜିଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ଡିଗ୍ରୀ ତଳେ ରହୁଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ପାଖାପାଖି ଥିବା ରେକର୍ଡ ହୋଇଛି। ରାତିରେ କୁହୁଡ଼ି ପାଇଁ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଛି। ସୋମବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟର ଚହଲା ଓ ଉପର ବାରହା କାମୁଡ଼ା ରେଞ୍ଜରେ ସର୍ବନିମ୍ନ ତାପମାତ୍ରା ୪ଡିଗ୍ରୀ ରହିଛି। ଗୁଡ଼ଗୁଡ଼ିଆରେ ୯ ଡିଗ୍ରୀ, ବରେହିପାଣିରେ ୧୦ ଡିଗ୍ରୀ, ରାମତୀର୍ଥରେ ୧୨ଡିଗ୍ରୀ ଓ କିଆଝରୀରେ ୧୩ ଡିଗ୍ରୀ ସେଲସିୟସ ରେକର୍ଡ଼ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ ପ୍ରକାଶ କରିଛନ୍ତି। ଯାହାକି ଚଳିତ ବର୍ଷର ଅଦ୍ୟାବଧିର ସର୍ବନିମ୍ନ ତାପମାତ୍ରା ଅଟେ।

## ଥରୁଛି କେନ୍ଦୁଝର

କେନ୍ଦୁଝର,୧୧।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ): ଅଦିନିଆ ବର୍ଷା ପରେ କେନ୍ଦୁଝର ଜିଲାର ତାପମାତ୍ରାରେ ହ୍ରାସ ପାଇଛି। ୨.୬ ଡିଗ୍ରୀ ହ୍ରାସ ପାଇ ସୋମବାର ତାପମାତ୍ରା ୯.୮ ଡିଗ୍ରୀ ସେଣ୍ଟିଗ୍ରେଡ୍ ରେକର୍ଡ ହୋଇଛି। ତାପମାତ୍ରା ଆହୁରି ହ୍ରାସ ପାଇବ ବୋଲି ଅନୁମାନ କରାଯାଇଛି। ଫଳରେ ଅତ୍ୟଧିକ ଥଣ୍ଡା(ଜାଡ)ରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାତିରେ ଶୀତ ଅଧିକ ଅନୁଭୂତ ହେଉଛି। ବିଶେଷ କରି ଗ୍ରାମାଞ୍ଚଳ ତଥା ପାହାଡ଼ିଆ ଅଞ୍ଚଳରେ ଶୀତ ଅଧିକ ଅନୁଭୁତ ହେଉଛି। ଗରିବ ଶ୍ରେଣୀର ଲୋକମାନେ ଶୀତରେ ରକ୍ଷା ପାଇବା ପାଇଁ ନିଆଁ ଲଗାଇ ରାତି କାଟୁଛନ୍ତି। ସକାଳେ ଖରା ଆସିବା ପର୍ଯ୍ୟନ୍ତ ନିଆଁ ପାଖରେ ବସି ରହୁଛନ୍ତି।



# ଯୁବ ବିକାଶ କାର୍ଯ୍ୟକ୍ରମରେ ସାମାଜିକ ସଚେତନତା



ଛାତ୍ରୀମାନେ ସଚେତନତା ନୃତ୍ୟ ପରିବେଷଣ କରୁଛନ୍ତି।

ଖଇରା, ୧୧।୧୨(ଉତ୍କଳବନ୍ଧୁ ପଣ୍ଡା)

ଛୋଟ ବେଳୁ ଝିଅ କଲେ ବିଭା-ବହୁ କଷ୍ଟ ସିଏ ପାଉଛି ଅବା, ଗୁରୁଜନଙ୍କୁ ଏହି ବୀନତି-ବାଲ୍ୟ ବିବାହକୁ ନ ଦିଅ ସ୍ୱୀକୃତି, ବାଲ୍ୟବିବାହ ଯେବେ ହଟିବ-କନ୍ୟା ଅଧିକାର ତେବେ ବଢିବ । ଏଭଳି କିଛି ସ୍ଲୋଗାନ ଦେଇ ସୋମବାର ଖଇରା ବଜାର ପରିକ୍ରମା କରିଛନ୍ତି ଖଇରା କଲେଜର ଛାତ୍ରୀଗଣ। ଯୁବ ଓଡିଶା ନବୀନ ଓଡିଶା-ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ବାଲ୍ୟବିବାହ ରୋକିବା ଉପରେ ସାମାଜିକ ସଚେତନତା ଲାଗି ଛାତ୍ରୀମାନଙ୍କ ତରଫରୁ ଶୋଭାଯାତ୍ରା ଆୟୋଜନ ସାଙ୍ଗକୁ ଦୁର୍ଗାମଣ୍ଡପରେ ନୃତ୍ୟ ପରିବେଷଣ କରାଯାଇଥିଲା। ଯାହାକୁ ଖଇରା ବଜାରବାସୀ ଓ ସୋର-କୁପାରୀ ରାସ୍ତାରେ ଯାଉଥିବା ଯାତ୍ରୀମାନେ ମନଭରି ଉପଭୋଗ କରିଥିଲେ। ଅଧ୍ୟକ୍ଷ କମଳାକାନ୍ତ ପତି ଏହାକୁ ଉଦ୍‌ଘାଟନ କରିଥିବା ବେଳେ ନୋଡାଲ ଅଫସର ପ୍ରାଧ୍ୟାପକ ଶଶିକାନ୍ତ ପଣ୍ଡା ଓ ସଂଯୋଜକ ପ୍ରାଧ୍ୟାପକ ଡଃ ଗୋପବନ୍ଧୁ ମହାପାତ୍ର, ଦେବବ୍ରତୀ ଦାଶ, ପ୍ରଦୀପ୍ତ କୁମାର ପାଣି, ଜୟନ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ପ୍ରଧାପିକା ରିତାଦେବୀ, ଡ. ସୁଜିତ କୁମାର ଛାଟିଆ, ଈଶ୍ୱର ପ୍ରସାଦ ରାଉଳ, ପୁଷ୍ପଲତା ନାୟକ, ସୁଶ୍ରୀ ସଙ୍ଗୀତା, ତୃପ୍ତିମୟୀ ଗିରି, ଜିନ୍ ସାଇମନ ସାମଲ, ବିମନ ବାରିକ, ଦିନେଶ ଜେନା, ରମାକାନ୍ତ ମହାନ୍ତି, ବାଞ୍ଛାନିଧି ମିଶ୍ର, ରମାକାନ୍ତ ରଥ ଓ ଜୟକୃଷ୍ଣ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଗଳ୍ପ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଲେ ଛାତ୍ରୀଛାତ୍ର

ସୋର, ୧୧।୧୨(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ମଙ୍ଗଳପୁର ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓ ସରକାରଙ୍କ ପ୍ରାୟୋଜିତ 'ନୂଆ ଓ ୨୦୨୩' ଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଗଳ୍ପ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି କଲେଜ ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ବିଶ୍ୱାଳ ମତ ରଖିଥିଲେ। ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବେହେରା, ସାଂସ୍କୃତିକ କାର୍ଯ୍ୟକ୍ରମ ଅଧିକାରୀ ଡ. ପୁଣ୍ୟବ୍ରତ ମହାନ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଡ. ସଂଗ୍ରାମ କୁମାର ରାଉତ, ଅଧ୍ୟାପିକା ରଂଜିତା ବାଳା ମହାପାତ୍ର, ନିବେଦିତା ମଲିକ,ସତ୍ୟ ନାରାୟଣ ସାହୁ ଏବଂ ସାହିତ୍ୟ ଅଧ୍ୟାପିକା ପୁଷ୍ପଲତା ପାଢୀ 'ଘିନୁଆ' ଆଦିବାସୀ ସମ୍ପ୍ରଦାୟର ଗଳ୍ପ କହି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। କଲେଜର ଦ୍ୱିତୀୟ ବର୍ଷର ଛାତ୍ରୀ ମନୀଷା ଜେନା 'ବାପା' ଶବ୍ଦର ମହାତ୍ମ୍ୟ ସହିତ ବାପାଙ୍କ ବିଷୟରେ ଗଳ୍ପ କହି ସମସ୍ତଙ୍କୁ କନ୍ଦାଇଥିଲେ ଏବଂ ନିଜେ କାନ୍ଦିଥିଲେ।

## ସ୍ୱପ୍ନେଶ୍ୱରୀ ସନ୍ତୋଷୀମା'ଙ୍କ ପୂଜା ମହୋତ୍ସବର ୪ର୍ଥ ସନ୍ଧ୍ୟା

ଭଦ୍ରକ, ୧୧।୧୨(ରବିନାରାୟଣ ଖିଲାର)

ଭଦ୍ରକର ଚୁନିଦା କ୍ଷେତ୍ରବାସୀ ପୀଠଠାରେ ଚାଲିଥିବା ସ୍ୱପ୍ନେଶ୍ୱରୀ ସନ୍ତୋଷୀମା'ଙ୍କ ପୂଜା ମହୋତ୍ସବର ୪ର୍ଥ ସନ୍ଧ୍ୟା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଉପଦେଷ୍ଟା ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭଦ୍ରକ ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଶହୀଦ ଭଗତ ସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ର, ସରପଞ୍ଚ ନିରଞ୍ଜନ ମଲ୍ଲିକ, ପ୍ରଧାନ ଶିକ୍ଷକ ଶେଖର ଚନ୍ଦ୍ର ଜେନା, ଶିଳ୍ପଦ୍ୟୋଗୀ ଗୌରଗୋପାଳ ଜେନା, ଖବରଦାତା ସନ୍ତୋଷ ଦାସ, ପୂର୍ବତନ ସମିତିସଭ୍ୟ ନିତ୍ୟାନନ୍ଦ ବେହେରା, ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମୟରେ ଆଧ୍ୟାତ୍ମିକତାର ଆବଶ୍ୟକତା ଓ ପ୍ରଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ନୃତ୍ୟ ଓ ସଙ୍ଗୀତ ଶିଳ୍ପୀମାନଙ୍କ ଦ୍ୱାରା ଭକ୍ତିପୂର୍ଣ୍ଣ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋରୁଆ ଓ ଉତ୍କଳ ତରଙ୍ଗର କୁନି ପିଲାମାନଙ୍କ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ମନ୍ଦିର ପ୍ରତିଷ୍ଠାତା ପୀତାମ୍ବର ପରିଡ଼ା ଓ ବାସନ୍ତୀଲତା ପରିଡ଼ା ଧନ୍ୟବାଦ ପରିଚାଳନା କରିଥିଲେ।

## ତାଲିମ ନେବେ ୧୮୬ ଯୁବତୀ ଯୁବକ

### ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା

ଖୁଣ୍ଟା, ୧୧।୧୨ (ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପରିସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁଲଣା ବାରସାଳିଆ, ବିଡିଓ କରୁଣାକର ଧିନ୍ଦା, ଜିଲା ନିଯୁକ୍ତି ଅଧିକାରୀ ଧର୍ମାନନ୍ଦ ବେହେରା, ବିପିଏମ୍ ଦିଲୀପ କୁମାର ଦାସ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ମେଳା ମାଧ୍ୟମରେ ୧୮ରୁ ୩୦ ବର୍ଷ ବୟସ ମଧ୍ୟରେ ଥିବା ରୋଜଗାର ଆଶାୟୀ ଶିକ୍ଷିତ ଯୁବତୀ ଯୁବକ ବିଭିନ୍ନ ନିଯୁକ୍ତିଭିତ୍ତିକ ତାଲିମ ଗ୍ରହଣ ପାଇଁ ଆବେଦନ କରିପାରିବେ ବୋଲି ଅତିଥିମାନେ କହିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ମୋଟ ୨୮୮ଜଣ ଯୁବତୀ ଯୁବକ ନାମ ପଞ୍ଜୀକୃତ କରିଥିଲେ। ସେମାନଙ୍କ ପାଇଁ ଥିବା ବିଭିନ୍ନ ଧନ୍ଦାମୂଳକ, ଶିଳ୍ପ ଶିକ୍ଷା ବିଷୟରେ ମେଳାରେ ଯୋଗ ଦେଇଥିବା ମୋଟ ୧୨ଟି ଏଜେନ୍ସି ଆବଶ୍ୟକ ପରାମର୍ଶ ଦେଇଥିଲେ। ୧୮୬ଜଣ ତାଲିମ ଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ସିଆର୍‌ପି ଓ ଏମ୍‌ବିକେମାନେ ନିଯୁକ୍ତି ମେଳା ପରିଚାଳନାରେ ସହଯୋଗ କରିଥିଲେ।

## ବିଏସ୍‌ମଲ୍ ପକ୍ଷରୁ ପୁରସ୍କାର ଯୋଜନା ଫଳାଫଳ ଘୋଷିତ



ସମାରୋହରେ ସ୍ୱତ୍ୱାଧିକାରୀ ଜିତେନ୍ଦ୍ର ସାହୁଙ୍କ ମା'ଙ୍କୁ ଅତିଥି କୈଳାସ ଚନ୍ଦ୍ର ପଣ୍ଡା ସମ୍ମାନିତ କରୁଛନ୍ତି।

କେନ୍ଦୁଝର,୧୧।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ସହରରେ ଥିବା ବିଏସ୍‌ମଲ ପକ୍ଷରୁ ୨୦୧୯ ପାଇଁ ଅନୁଷ୍ଠିତ ଆକର୍ଷଣୀୟ ପୁରସ୍କାର ଯୋଜନାର ଫଳାଫଳ ସୋମବାର ଘୋଷଣା ହୋଇଛି। ଆୟୋଜିତ ସଭାରେ କେନ୍ଦୁଝର ସହରର ବରିଷ୍ଠ ନାଗରିକ କୈଳାଶ ଚନ୍ଦ୍ର ପଣ୍ଡା, ଆଇନଜୀବୀ ଚତୁର୍ଭୁଜ ହୋତା, ସିଟିଜିର ମୁଖ୍ୟ ରୋଟାରିଆନ ରାଜେନ୍ଦ୍ର ପଲେଇ, ଜିଲା ସ୍ୱର୍ଣ୍ଣକାର ସଂଘର ସଭାପତି ରାମଚନ୍ଦ୍ର ସାହୁ, ଆଇନଜୀବୀ ରତିରଞ୍ଜନ ବେହେରା, ବିଏସ୍‌ମଲ୍ ସତ୍ତ୍ୱାଧିକାରୀ ଜିତେନ୍ଦ୍ର ସାହୁ, ବିଶ୍ୱନାଥ ରାଉଳ ପ୍ରମୁଖ ମଞ୍ଚାସୀନ ଥିଲେ। ପୃଥ୍ୱୀ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଘନଶ୍ୟାମ ମିଶ୍ର ପରିଚାଳନା କରିଥିଲେ। ୨ ପର୍ଯ୍ୟାୟରେ ସ୍ୱର୍ଣ୍ଣ ଅଳଙ୍କାର ଗ୍ରାହକ ଏବଂ ଗାର୍ମେଣ୍ଟ୍ସ କ୍ରୟ କରିଥିବା ଗ୍ରାହକମାନଙ୍କୁ ଲଟେରୀ ମାଧ୍ୟମରେ ପୁରସ୍କାର ଘୋଷଣା କରାଯାଇଥିଲା। ସ୍ୱର୍ଣ୍ଣ ଅଳଙ୍କାର ପୁରସ୍କାର ଯୋଜନାରେ ୨୬ ହଜାର ୪୫୩ କୁପନଧାରୀ ନବ ଆପଟ ହୁଣ୍ଡାଇ ସାଣ୍ଟ୍ରୋ କାର ବିଜେତା ହୋଇଥିବାବେଳେ ୩୭୩୪୩ କୁପନଧାରୀ ତନୁଜା ଦାସ ଇଲେକ୍ଟ୍ରିକ ସ୍କୁଟି, ୩୩୭୧୭ କୁପନଧାରୀ ଗଣେଶ୍ୱର ଗିରି, ୧୯୨୨୮ କୁପନଧାରୀ ଅରୁନ୍ଧତୀ ପୃଷ୍ଟି ରେଫ୍ରିଜିରେଟର, ୨୩୩୮୨ କୁପନଧାରୀ ଆର.ବାରିକ ୱାସିଂ ମେସିନ ପୁରସ୍କାର ପାଇଥିଲେ। ସେହିପରି କନକ ଗାର୍ମେଣ୍ଟସ ପୁରସ୍କାର ଯୋଜନାରେ ୧୦୦୫ ନମ୍ବର ବିଶିଷ୍ଟ କୁପନଧାରୀ ଯୋଗେଶ୍ୱର ମହାନ୍ତ ଇଲେକ୍ଟ୍ରିକ ସ୍କୁଟି, ୩୨୩୭ ନମ୍ବର କୁପନଧାରୀ ଅମରନାଥ ସାହୁ ଇଲେକ୍ଟ୍ରିକ ସ୍କୁଟି, ୩୦୦୨ କୁପନ ନମ୍ବର ଥିବା ପିକେ.ପଣ୍ଡା, ୧୩୨୨ କୁପନଧାରୀ ଲିପସା ପ୍ରିୟଦର୍ଶିନୀ ୱାସିଂ ମେସିନ, ୬୧୨୭ ନମ୍ବର କୁପନଧାରୀ ଅମିତ ମହାରଣା ହାତ ଘଣ୍ଟା ପୁରସ୍କାର ଜିଣିଥିବା ବିଏସ ମଲ ତରଫରୁ ସୂଚନା ଦିଆଯାଇଛି।

# ସରପଞ୍ଚଙ୍କ ଘରେ ପଞ୍ଚାୟତ କାର୍ଯ୍ୟ

## ୩ ପଞ୍ଚାୟତରେ ନାହିଁ କାର୍ଯ୍ୟାଳୟ

ତିହିଡ଼ି, ୧୧।୧୨ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡି ବ୍ଲକ୍‌ର ୩ ପଞ୍ଚାୟତରେ କାର୍ଯ୍ୟାଳୟ ଗୃହ ନାହିଁ। ଫଳରେ ସରପଞ୍ଚଙ୍କ ଘରେ ଓ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ କାର୍ଯ୍ୟାଳୟ ଚାଲିଛି। ସରପଞ୍ଚଙ୍କ ସମେତ ପଞ୍ଚାୟତବାସୀ କାର୍ଯ୍ୟାଳୟ ନ ଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କାର୍ଯ୍ୟାଳୟ ନିର୍ମାଣ ପାଇଁ ସରପଞ୍ଚମାନେ ଏକାଧିକବାର ଜିଲାପାଳଙ୍କ ସମେତ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳୁନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ତିହିଡି ବ୍ଲକ୍‌ରେ ମୋଟ ୩୧ ପଞ୍ଚାୟତ ମଧ୍ୟରୁ ଫତେପୁର, ତାଳପଦା ଓ ମଙ୍ଗଳପୁର ପଞ୍ଚାୟତରେ ନିଜସ୍ୱ କାର୍ଯ୍ୟାଳୟ ନାହିଁ। ମଙ୍ଗଳପୁର ଓ ଫତେପୁର ନୂତନ ପଞ୍ଚାୟତ ଭାବେ ୧୦ ବର୍ଷ ପୂର୍ବେ ମାନ୍ୟତା ପାଇଥିଲା। ପଞ୍ଚାୟତ ଗଠିତ ହେବାପରେ ୨ ଥର ନିର୍ବାଚନ ଅନୁଷ୍ଠିତ ହୋଇଥିଲେ ମଧ କାର୍ଯ୍ୟାଳୟ ନିର୍ମିତ ହୋଇପାରିନାହିଁ। ମଙ୍ଗଳପୁର ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ନିଜ ଘରେ କାର୍ଯ୍ୟାଳୟ କରି ପଞ୍ଚାୟତ କାର୍ଯ୍ୟ କରୁଥିବା ବେଳେ ନିଜ କାର୍ଯ୍ୟକାଳରେ କାର୍ଯ୍ୟାଳୟ ନିର୍ମାଣ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଫତେପୁର ସରପଞ୍ଚ ପ୍ରଦୀପ ବଳ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାରୀ ଜାଗା ଚିହ୍ନଟ କରିବାକୁ ଜିଲାପାଳ ଓ ତହସିଲଦାରଙ୍କୁ ଜଣାଇଥିଲେ ମଧ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି କରାଇ ଦେଉନଥିବା ସେ ଦର୍ଶାଇଛନ୍ତି। ସେହିପରି ତାଳପଦା ପଞ୍ଚାୟତ କାନ୍ତକବିଙ୍କ ଜନ୍ମପୀଠ ହୋଇଥିବା ବେଳେ କାର୍ଯ୍ୟାଳୟ ନିର୍ମାଣ ହୋଇ ନ ପାରିବା ଦୁର୍ଭାଗ୍ୟଜନକ ବୋଲି ସରପଞ୍ଚ ଜୟଶ୍ରୀ ବେହେରା ପ୍ରକାଶ କରିଛନ୍ତି। ତେବେ ସେଠାରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ କାର୍ଯ୍ୟାଳୟ ଚାଲିଛି। କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଫାଇଲ କାର୍ଯ୍ୟ କରିବା ଓ ପଞ୍ଚାୟତର ବୈଠକ ପାଇଁ ସମସ୍ୟା ଉପୁଜୁଛି। ତୁରନ୍ତ କାର୍ଯ୍ୟାଳୟ ନିର୍ମାଣ ଦିଗରେ ଦୃଷ୍ଟି ଦେବାକୁ ସରପଞ୍ଚମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଜ୍ୟୋତିର୍ମୟ କର କୁହନ୍ତି, ସରପଞ୍ଚମାନେ ସରକାରୀ ଜାଗା ଚିହ୍ନଟ କରି ପ୍ରସ୍ତାବ ଦେବା ପରେ କାର୍ଯ୍ୟାଳୟ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

### ଆଞ୍ଚଳିକ ଶୀତକାଳୀନ ମହୋତ୍ସବର ୪ର୍ଥ ସନ୍ଧ୍ୟା

ବାହାନଗା, ୧୧।୧୨(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ଗୋପାଳପୁରଠାରେ ଶୁକ୍ରବାରଠାରୁ ଉଦ୍‌ଘାଟିତ ହୋଇଛି ଗୋପାଳପୁର ଆଞ୍ଚଳିକ ଶୀତ ମହୋତ୍ସବ। ମହୋତ୍ସବର ସୋମବାର ୪ର୍ଥ ଦିବସରେ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିଭି ତାରକା ତଥା ସାର୍ଥକ ଟିଭିର ଲିଟିଲି ଷ୍ଟାର ଚିରାଗଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ଏହା ସହିତ ଗୋପାଳପୁର ଅଞ୍ଚଳର କଳାବିକାଶ କେନ୍ଦ୍ରର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୪ର୍ଥ ସନ୍ଧ୍ୟାରେ ସଭାପତିତ୍ୱ କରିଥିଲେ ମହୋତ୍ସବ କମିଟି ସଭାପତି ଯୋଗେଶ ଚନ୍ଦ୍ର ପତି। ମୁଖ୍ୟଅତିଥି ଭାବେ ବାହାନଗା ତହସିଲଦାର ସସ୍ମିତା ମୁର୍ମୁ, ମୁଖ୍ୟବକ୍ତା ଭାବେ କବି ଓ ସାହିତ୍ୟିକ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ସାଂସ୍କୃତିକ ବିହୀନ ଚେତନା ମାନବ ସମାଜ ମୂଲ୍ୟହୀନ। ଅନ୍ୟତମ ଅତିଥି ଭାବେ ବିଜେଡି ବ୍ଲକ ସଭାପତି ଅଜୟ କୁମାର ପଣ୍ଡା, ଶଙ୍କର୍ଷଣ ଶିଅଳ, ଖରାସାହାପୁର ପଞ୍ଚାୟତ ସରପଞ୍ଚ କୈଳାସ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁମନ୍ତ ନାୟକ ସଭା ପରିଚାଳନା କରିଥିଲେ। ସେହିପରି ତୃତୀୟ ସନ୍ଧ୍ୟାରେ ସଭାପତିତ୍ୱ କରିଥିଲେ ସଭାପତି ପତି, ମୁଖ୍ୟଅତିଥି ଭାବେ ଏବିଇଓ ଧରଣୀଧର ପାତ୍ର, କଲ୍ୟାଣୀ ପଞ୍ଚାୟତ ସରପଞ୍ଚ ସତ୍ୟନାରାୟଣ ଦାଶ, କୁଟିଆକୋଇଲି ପଞ୍ଚାୟତ ସରପଞ୍ଚ ଯଶୋଦାମଣି ଶିଅଳ, ମୁଖ୍ୟବକ୍ତା କୃତ୍ତିବାସ ଚନ୍ଦ୍ର ବେଜ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।



୪ର୍ଥ ସନ୍ଧ୍ୟାରେ ମଞ୍ଚ ଉପରେ ଉପସ୍ଥିତ ଅତିଥିମାନେ।

# ପୁନଃ ନିଯୁକ୍ତି ଦାବିରେ ଆମରଣ ଅନଶନ

- ବେଆଇନ ଭାବେ ଛଟେଇକୁ ବିରୋଧ
- ସମର୍ଥନରେ ଶ୍ରମିକଙ୍କ ଧାରଣା

ଯୋଡ଼ା,୧୧।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବସନ୍ତପୁରଠାରେ ଥିବା କାରଖାନାର ଶ୍ରମିକମାନେ ବିଭିନ୍ନ ସମସ୍ୟା ଓ ତିନି ଜଣ ଶ୍ରମିକମାନଙ୍କୁ ବେଆଇନଭାବେ କାର୍ଯ୍ୟ ବନ୍ଦ ପ୍ରତିବାଦରେ ସୋମବାରଠାରୁ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଅନଶନକାରୀଙ୍କ ସମର୍ଥନରେ ଶହ ଶହ ଶ୍ରମିକ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ରହି ଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗତ ଅକ୍ଟୋବର ମାସ ୨୦ ତାରିଖରେ କାରଖାନା ପରିସରରେ ଟ୍ରକ୍ ତଳେ ଚାପି ହୋଇ ଜଣେ ଶ୍ରମିକର ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ସମସ୍ତ ଶ୍ରମିକମାନଙ୍କ ସହ ବାମେବାରି ପୋଲିସର ଉପସ୍ଥିତିରେ ଏକ ଚୁକ୍ତିନାମା ସ୍ୱାକ୍ଷର ହେବା ସହ ମୃତ ଶ୍ରମିକ ପରିବାରକୁ ୨୦ ଲକ୍ଷ ଟଙ୍କାର ସହାୟତା ଦେବା ଓ ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦେବା ପାଇଁ ସହମତି ପ୍ରକାଶ ପାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ୨୦ ଲକ୍ଷ ଟଙ୍କାର ଚେକ୍ ଜବରଦସ୍ତ ନେଇ ଯାଇଛନ୍ତି କହି କମ୍ପାନୀ ବାମେବାରି ଥାନାରେ ଏକ ମିଥ୍ୟା କେଶ ଫାଇଲ କରିବା ହେତୁ ତିନି ଜଣ ଶ୍ରମିକଙ୍କୁ ପୋଲିସ ଗିରଫ କରିଥିଲା। ପ୍ରାୟ ୨୦ ଦିନ ଜେଲରେ ରହିଥିଲେ। ଜେଲରୁ ଆସି ମାତ୍ର ଗୋଟିଏ ଦିନ ଡ୍ୟୁଟି କରିବା ପରେ ତାଙ୍କୁ ଗେଟ୍‌ରେ ବନ୍ଦ କରି ଦେବା ପାଇଁ କମ୍ପାନୀ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ଶ୍ରମ ଆଇନ ଅନୁସାରେ ସମ୍ପୃକ୍ତ ଶ୍ରମିକମାନଙ୍କୁ କୌଣସି କାରଣ ଦର୍ଶାଅ ମଧ୍ୟ ଦିଆଯାଇ ନ ଥିଲା। ଅନ୍ୟପକ୍ଷେ ୨୦୧୧ ମସିହାରୁ କାରଖାନା ଆରମ୍ଭ ହୋଇଥିଲେ ମଧ୍ୟ ଆଇନ ଅନୁଯାୟୀ ଶ୍ରମିକଙ୍କୁ ବୋନସ ଓ ଛୁଟି ଦିଆଯାଉନାହିଁ। ଏହାର ପ୍ରତିବାଦରେ ତିନି ଜଣ ଛଟେଇ ଶ୍ରମିକ କାରଖାନା ଗେଟ ସମ୍ମୁଖରେ ଆମରଣ ଅନଶନରେ ବସିଥିବା ବେଳେ ସମର୍ଥନ ଜଣାଇ ଶହ ଶହ ସଂଖ୍ୟାରେ ଶ୍ରମିକ ଧାରଣାରେ ବସି ରହିଛନ୍ତି। ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି।



କମ୍ପାନୀ ଆଗରେ ଧାରଣାରତ ଶ୍ରମିକମାନେ।

